ସକାଳ
THE SAKALA
# ସିନ୍ଦୂରା
ରବିବାର
ରବିବାର , ଅଗଷ୍ଟ ୨- ୮ , ୨୦୨୬
www.sakalaepaper.com

- ଜେନ୍-ଜେଡ୍ ଯୁବତୀଙ୍କ ଆନ୍ଦୋଳନ
- ୟୁରୋପ ଓ ଆମେରିକାରେ ବିପ୍ଳବ
- ପରିବେଶ ସୁରକ୍ଷା ପାଇଁ ଯୁବପିଢ଼ିଙ୍କ ଲଢ଼େଇ
- ବିଶ୍ୱ ବଦଳାଉଛି ଯୁବ ବିପ୍ଳବ
- 'ଜେନ୍-ଜେଡ୍' ଓ ବୟସ୍କ

ବଦଳି ଯାଉଛି ଆନ୍ଦୋଳନର ଶୈଳୀ । ସଂଗଠନ ଓ ନେତା ବିହୀନ ଆନ୍ଦୋଳନ । ଜେନ୍-ଜେଡ୍ ଆନ୍ଦୋଳନକୁ ନେଇ ଏବେ ସବୁଠି ଚର୍ଚ୍ଚା । ଜେନ୍-ଜେଡ୍ ଅର୍ଥାତ୍ ୧୯୯୭ରୁ ୨୦୧୨ ମସିହା ମଧ୍ୟରେ ଜନ୍ମିତ ପିଢ଼ି । ଡିଜିଟାଲ ଯୁଗର ପିଢ଼ି । ଇଣ୍ଟରନେଟ୍ ଓ ସୋସିଆଲ୍ ମିଡିଆ ସହିତ ସେମାନେ ଗଭୀର ଭାବେ ଜଡ଼ିତ । ଦୁର୍ନୀତି, ଶିକ୍ଷା କ୍ଷେତ୍ରରେ ଅବ୍ୟବସ୍ଥା, ରାଜନୈତିକ ଅସ୍ଥିରତା, ଆର୍ଥିକ ସଂକଟ, ଦରବୃଦ୍ଧି, ଚାକିରିରେ ପାତରଅନ୍ତର, ମହିଳା ହିଂସା ଆଦି ବିରୁଦ୍ଧରେ ଜେନ୍-ଜେଡ୍ ସ୍ୱର ଉତ୍ତୋଳନ କରୁଛନ୍ତି । କୌଣସି ସଂଗଠନ ବା ପ୍ରସିଦ୍ଧ ନେତାଙ୍କ ନେତୃତ୍ୱ ବିନା ସେମାନେ ଆନ୍ଦୋଳନକୁ ଓହ୍ଲାଉଛନ୍ତି । ନିଜେ ହିଁ ସେମାନେ ବିପ୍ଳବର ନେତୃତ୍ୱ ନେଉଛନ୍ତି । ରଚନାତ୍ମକ ଶୈଳୀରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି । ନିକଟରେ ଭାରତରେ ଯୁବପିଢ଼ିଙ୍କ ଆନ୍ଦୋଳନ ହଇଚଇ ସୃଷ୍ଟି କରିଥିଲା । ଏହି ପରିପ୍ରେକ୍ଷୀରେ ଅତୀତରେ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ହୋଇଥିବା ଜେନ୍-ଜେଡ୍ ଆନ୍ଦୋଳନକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ପ୍ରତିବେଦନ ।

ପ୍ରସ୍ତୁତି 'ସକାଳ' ବ୍ୟୁରୋ



# ବିପ୍ଳବର ନୂଆ ଧାରା

ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ଭାରତରେ ଜେନ୍-ଜେଡ୍‌ଙ୍କ ଆନ୍ଦୋଳନକୁ ନେଇ ଚର୍ଚ୍ଚା ଥମୁନି । କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା, ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀମାନଙ୍କୁ କ୍ଷତିପୂରଣ ଦିଆଯିବା ଆଦି ଦାବି ନେଇ ଯୁବ-ଛାତ୍ରଙ୍କ ଆନ୍ଦୋଳନ ସାରା ଦେଶରେ ଚହଳ ପକାଇ ଦେଇଥିଲା । ରାଜନୈତିକ ବିଶେଷଜ୍ଞଙ୍କ ଅନୁସାରେ ଏହା ଥିଲା ଦେଶର ପ୍ରଥମ ବଡ଼ ଜେନ୍-ଜେଡ୍ ଆନ୍ଦୋଳନ । ଦିଲ୍ଲୀର ଜନ୍ତର-ମନ୍ତରଠାରେ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା । ତେବେ ଏହି ଆନ୍ଦୋଳନ କେବଳ ଦିଲ୍ଲୀ ଭିତରେ ସୀମିତ ନଥିଲା । ଆରମ୍ଭରୁ ସୀମିତ ସଂଖ୍ୟକ ଛାତ୍ର ଆନ୍ଦୋଳନସ୍ଥଳକୁ ପହଞ୍ଚିଥିଲେ । କୌଣସି ବଡ଼ ଛାତ୍ର ସଂଗଠନ ବା ରାଜନୈତିକ ଦଳର ନେତା ଉପସ୍ଥିତ ନଥିଲେ । ତେବେ ଇନଷ୍ଟାଗ୍ରାମରେ ନିୟମିତ ରିଲ୍‌ସ, ଲାଇଭ୍ ଷ୍ଟ୍ରିମ୍, ପୋଷ୍ଟ ଓ ଛୋଟ ଛୋଟ ଭିଡ଼ିଓ ମାଧ୍ୟମରେ ପୂରା କାର୍ଯ୍ୟକ୍ରମକୁ ଦେଶ ସାରା ଯୁବପିଢ଼ିଙ୍କ ପାଖରେ ପହଞ୍ଚା ଯାଉଥିଲା । ଏହି ଡିଜିଟାଲ୍ ନେଟୱର୍କ ଧୀରେ ଧୀରେ ସବୁଠାରୁ ବଡ଼ ଶକ୍ତି ଭାବେ ଉଭା ହୋଇଥିଲା । ଭାରତରେ ଜେନ୍-ଜେଡ୍‌ଙ୍କ ଏହି ଆନ୍ଦୋଳନକୁ ବେଶ୍ ସଫଳତା ମିଳିଛି । କେବଳ ଭାରତ ନୁହେଁ, ଅତୀତରେ ବିଭିନ୍ନ ପ୍ରସଙ୍ଗକୁ ନେଇ ବିଶ୍ୱର ଭିନ୍ନ ଭିନ୍ନ ରାଷ୍ଟ୍ରରେ ଯୁବପିଢ଼ିଙ୍କ ବିପ୍ଳବ ସରକାରଙ୍କୁ ଗାଦିଚ୍ୟୁତ ମଧ୍ୟ କରିଛି । ଏହି ପରିପ୍ରେକ୍ଷୀରେ ଜେନ୍-ଜେଡ୍ କ'ଣ, ଯୁବପିଢ଼ିଙ୍କ ଆନ୍ଦୋଳନ ପଛର ଉଦ୍ଦେଶ୍ୟ କ'ଣ, ବିପ୍ଳବର ଶୈଳୀ, କେଉଁ କେଉଁ ରାଷ୍ଟ୍ରରେ ଏହି ଆନ୍ଦୋଳନ ବ୍ୟାପକ ରୂପ ଧାରଣ କରିଥିଲା- ସେହି ସବୁ ପ୍ରସଙ୍ଗକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।

## ଡିଜିଟାଲ୍ ରଣନୀତି



ପାରମ୍ପରିକ ଆନ୍ଦୋଳନ ଭଳି କୌଣସି ରାଜନୈତିକ ଦଳ ବା ସଂଗଠନ ଉପରେ ନିର୍ଭର ନକରି ଜେନ୍ -ଜେଡ୍ ପିଢ଼ି ନିଜେ ବିକ୍ଷୋଭ ପ୍ରଦର୍ଶନ କରିଥାନ୍ତି । ସେମାନଙ୍କ ଆନ୍ଦୋଳନ ସଂପୂର୍ଣ୍ଣ ଭାବେ ବିକେନ୍ଦ୍ରୀକୃତ ହୋଇଥାଏ । ସେମାନଙ୍କ ରଣନୀତି ପ୍ରସ୍ତୁତ ହୋଇଥାଏ ଡିଜିଟାଲ୍ ମାଧ୍ୟମରେ । ସୋସିଆଲ୍ ମିଡିଆ ହେଉଛି ସେମାନଙ୍କର ପ୍ରମୁଖ ଅସ୍ତ୍ର । ଯୁବପିଢ଼ି ଟିକଟକ୍, ଇନଷ୍ଟାଗ୍ରାମ୍, ଏକ୍ସ, ଡିସ୍‌କୋର୍ଡ, ଫେସ୍‌ବୁକ୍, ୟୁଟ୍ୟୁବ୍ ଆଦି ସୋସିଆଲ୍ ମିଡିଆ ପ୍ଲାଟଫର୍ମକୁ ଉପଯୋଗ କରି ଆନ୍ଦୋଳନକୁ ତୀବ୍ର କରିଥାନ୍ତି । ସାରାଦେଶର ଯୁବପିଢ଼ିଙ୍କୁ ଏକତ୍ରିତ କରିବା ପାଇଁ ଡିଜିଟାଲ୍ ରଣନୀତି ପ୍ରସ୍ତୁତ କରାଯାଇଥାଏ । ଯାହା ଫଳରେ ଆନ୍ଦୋଳନର ପ୍ରତିଟି କାର୍ଯ୍ୟକ୍ରମ ଖୁବ୍ ଶୀଘ୍ର ସମସ୍ତଙ୍କ ପାଖକୁ ପହଞ୍ଚି ପାରିଥାଏ ।

## ବାଂଲାଦେଶରେ ସରକାର ପତନ

୨୦୨୪ ମସିହାରେ ବାଂଲାଦେଶରେ ଦେଖିବାକୁ ମିଳିଥିଲା ଐତିହାସିକ ଛାତ୍ର ଆନ୍ଦୋଳନ । ଦେଶର ସରକାରୀ ଚାକିରିରେ ପାତରଅନ୍ତର, ସଂରକ୍ଷଣ ନୀତିକୁ ବିରୋଧ କରି ଯୁବପିଢ଼ି ସରକାରଙ୍କ ବିରୁଦ୍ଧରେ ରାଜରାସ୍ତାକୁ ଓହ୍ଲାଇ ଥିଲେ । ଧୀରେ ଧୀରେ ଏହି ଆନ୍ଦୋଳନ ସାରା ଦେଶକୁ ବ୍ୟାପିବାରେ ଲାଗିଥିଲା । ଆନ୍ଦୋଳନ ଉଗ୍ର ରୂପ ଧାରଣ କରିବାକୁ ଲାଗିଲା । ବିଭିନ୍ନ ସ୍ଥାନରେ ପୋଡ଼ାଜଳା, ହିଂସାତ୍ମକ କାର୍ଯ୍ୟକ୍ରମ ଦେଖିବାକୁ ମିଳିଲା । ରାଜଧାନୀ ଢାକା ସମେତ ଅନେକ ସହରରେ ପୋଡ଼ାଜଳା,



ଭଙ୍ଗାରୁଜା, ପୋଲିସ ସହିତ ହିଂସାତ୍ମକ ସଂଘର୍ଷ ଏବଂ ଶହ ଶହ ଲୋକଙ୍କ ମୃତ୍ୟୁ ଘଟିଥିଲା । ଇଣ୍ଟରନେଟ୍ ସେବା ମଧ୍ୟ କିଛି ଦିନ ପାଇଁ ବାଧାପ୍ରାପ୍ତ ହୋଇଥିଲା । ଜେନ୍-ଜେଡ୍‌ଙ୍କ ଆନ୍ଦୋଳନ ସରକାରଙ୍କୁ ଅଡୁଆରେ ପକାଇ ଦେଇଥିଲା । ବାଧ୍ୟ ହୋଇ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ନିଜ ପଦରୁ ଇସ୍ତଫା ଦେଇ ଦେଶ ଛାଡ଼ି ପଳାୟନ କରିଥିଲେ । ବିଶ୍ୱର ସବୁଠାରୁ ସଫଳ ଜେନ୍-ଜେଡ୍ ବିପ୍ଳବ ମଧ୍ୟରୁ ଏହା ଥିଲା ଅନ୍ୟତମ ।

## ନେପାଳ ସରକାର ଗାଦିଚ୍ୟୁତ

୨୦୨୫ ମସିହାରେ ନେପାଳରେ ପ୍ରଶାସନିକ ଦୁର୍ନୀତି, ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଉପରେ ପ୍ରତିବନ୍ଧକ ଲଗାଇବା, ଶିକ୍ଷା ସଂସ୍କାର, ରାଜନୈତିକ ଦାୟିତ୍ୱ ଭଳି ପ୍ରସଙ୍ଗ ଉପରେ ବିଶ୍ୱବିଦ୍ୟାଳୟ ଏବଂ ଯୁବପିଢ଼ି ଅନେକ ପର୍ଯ୍ୟାୟରେ ବିରୋଧ ପ୍ରଦର୍ଶନ କରିଥିଲେ । ସରକାରଙ୍କ ବିରୋଧରେ ଏକାଠି ହୋଇଥିଲେ ନେପାଳର ହଜାର ହଜାର ଯୁବକ, ଛାତ୍ରଛାତ୍ରୀମାନେ । ଅଧିକାଂଶ ପ୍ରଦର୍ଶନ ଶାନ୍ତିପୂର୍ଣ୍ଣ ଥିଲା । ଅବଶ୍ୟ କିଛି ଆନ୍ଦୋଳନରେ ପୋଲିସ ସହିତ ସଂଘର୍ଷ, ପଥର ଫିଙ୍ଗା ମଧ୍ୟ ସାମିଲ ଥିଲା । ସରକାର ଆନ୍ଦୋଳନକୁ ଭ୍ରୂକ୍ଷେପ ନ କରିବାରୁ ଆନ୍ଦୋଳନକାରୀ ଯୁବକଯୁବତୀମାନଙ୍କ ରାଲି ଧୀରେ ଧୀରେ ସଂସଦ ଭବନ ଅଭିମୁଖେ ମାଡ଼ି ଚାଲିଥିଲା । ଫଳରେ ଆନ୍ଦୋଳନକାରୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା । ଆନ୍ଦୋଳନ ଉଗ୍ର ରୂପ ଧାରଣ କରିବାରେ ଲାଗିଲା । ପରିସ୍ଥିତି ହିଂସାତ୍ମକ ରୂପ ନେଇ ଥିଲା । ଏହି ଆନ୍ଦୋଳନରେ ପୋଲିସ ଗୁଳିରେ ୨୦ ଜଣ ବିକ୍ଷୋଭକାରୀଙ୍କ ମୃତ୍ୟୁ ହୋଇଥିଲା । ୨୦୦ରୁ ଅଧିକ ଗୁରୁତର ଆହତ ହୋଇଥିଲେ । ଉତ୍ତେଜିତ ଆନ୍ଦୋଳନକାରୀମାନେ ତତ୍କାଳୀନ ଉପ ପ୍ରଧାନମନ୍ତ୍ରୀ ବିଷ୍ଣୁ ପ୍ରସାଦ ଶର୍ମାଙ୍କ ଉପରେ ଆକ୍ରମଣ କରିଥିଲେ । ଧୀରେ ଧୀରେ ପରିସ୍ଥିତି ଅଣାୟତ୍ତ ହେବାରୁ ତତ୍କାଳୀନ ପ୍ରଧାନମନ୍ତ୍ରୀ କେ.ପି.ଶର୍ମାଙ୍କୁ ଇସ୍ତଫା ଦେବାକୁ ପଡ଼ିଥିଲା । ଶେଷରେ ସୋସିଆଲ ମିଡିଆ ଉପରୁ ପ୍ରତିବନ୍ଧକ ପ୍ରତ୍ୟାହାର କରାଯାଇଥିଲା ।



## ତଥ୍ୟ ଲିକ୍ ଓ ସେନାର ଦୁର୍ବ୍ୟବହାର ବିରୋଧରେ ଆନ୍ଦୋଳନ

୨୦୨୫ ମସିହା ଜୁଲାଇ ମାସରେ ଥାଇଲାଣ୍ଡରେ ରାଜନୀତିକ ସଂକଟ ଗମ୍ଭୀର ରୂପ ଧାରଣ କରିଥିଲା । ତଥ୍ୟ ଲିକ୍ ଓ ସେନାର ଦୁର୍ବ୍ୟବହାର ଅଭିଯୋଗରେ ହଜାର ହଜାର ଯୁବକ ବିକ୍ଷୋଭ ପ୍ରଦର୍ଶନ ପାଇଁ ରାସ୍ତାକୁ ଓହ୍ଲାଇଥିଲେ । ଏହି ଆନ୍ଦୋଳନକୁ ନେଇ ରାଜନୈତିକ ହଇଚଇ ସୃଷ୍ଟି ହୋଇଥିଲା । ଜନଆକ୍ରୋଶ ଯୋଗୁଁ ଆଇନ ପ୍ରକ୍ରିୟାକୁ ଦୃଢ଼ କରାଗଲା । ଅଦାଲତର ନିର୍ଦ୍ଦେଶ ପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପେଟୋଙ୍ଗଟାର୍ନ ସିନାୱାତ୍ରାଙ୍କୁ ହଟାଇ ଦିଆଯାଇଥିଲା । ଆନ୍ଦୋଳନକାରୀ ଯୁବକମାନେ ସରକାରୀ କାର୍ଯ୍ୟକ୍ରମ, ପାରଦର୍ଶିତା ଓ ନୈତିକତା ସହିତ କୌଣସି ବୁଝାମଣା କରିବାକୁ ଚାହୁଁ ନଥିଲେ ।

## ସର୍ଜନାତ୍ମକ ଶୈଳୀରେ ଆନ୍ଦୋଳନ

ସାରା ବିଶ୍ୱରେ ଏବେ ଜେନ୍-ଜେଡ୍ ଆନ୍ଦୋଳନକୁ ନେଇ ସରଗରମ ଆଲୋଚନା ହେଉଛି । ଜେନ୍-ଜେଡ୍ ଆନ୍ଦୋଳନ ହେଉଛି ଯୁବ ଆଧାରିତ ବିପ୍ଳବ ବା ବିକ୍ଷୋଭ ପ୍ରଦର୍ଶନ । ୧୯୯୭ରୁ ୨୦୧୨ ମଧ୍ୟରେ ଜନ୍ମିତ ପିଢ଼ିଙ୍କୁ ଜେନ୍-ଜେଡ୍ କୁହାଯାଏ । ଏମାନେ ଇଣ୍ଟରନେଟ୍ ଓ ସୋସିଆଲ୍ ମିଡିଆ ଯୁଗରେ ବଢ଼ିଥିବା ପିଢ଼ି । ଅନ୍ୟାୟ ବିରୁଦ୍ଧରେ ଯୁବପିଢ଼ିଙ୍କ ଏହା ଏକ ଆଧୁନିକ, ଡିଜିଟାଲ ଓ ରଚନାତ୍ମକ ଆନ୍ଦୋଳନ । ଜେନ୍-ଜେଡ୍ କେବଳ ପାରମ୍ପରିକ ସ୍ଲୋଗାନ ଦେଇ ଆନ୍ଦୋଳନ କରୁନାହାନ୍ତି । ସେମାନେ ବିଭିନ୍ନ ସ୍ଲୋଗାନ ଦେବା ସହିତ ବାଜା ବଜାଇ, ଦେଶଭକ୍ତି ଗୀତ ଗାଇ, ନାଟକ ପ୍ରଦର୍ଶନ କରି ଆନ୍ଦୋଳନରତ ଯୁବକଯୁବତୀଙ୍କୁ ଉତ୍ସାହିତ କରିଥାନ୍ତି । ସେହିପରି ବ୍ୟଙ୍ଗାତ୍ମକ ଭିଡିଓ ଓ ଫଟୋ ସୋସିଆଲ୍ ମିଡିଆରେ ପୋଷ୍ଟ କରିବା, ଦେଶଭକ୍ତି ଗୀତ ଓ ରିଲ୍ସକୁ ବ୍ୟବହାର କରି ଆନ୍ଦୋଳନକୁ ଅଧିକ ସକ୍ରିୟ ଓ ଲୋକାଭିମୁଖୀ କରୁଛନ୍ତି । ଜେନ୍-ଜେଡ୍ ଆନ୍ଦୋଳନରେ କୌଣସି ବଡ଼ ନେତା ନଥାନ୍ତି । ଏହି ଆନ୍ଦୋଳନରେ ଯୁବପିଢ଼ି ସ୍ୱଇଚ୍ଛାରେ ସାମିଲ ହୋଇ ନେତୃତ୍ୱ ନେଇଥାନ୍ତି । ଆନ୍ଦୋଳନର କାର୍ଯ୍ୟପନ୍ଥା, ନୀତି ନିର୍ଦ୍ଧାରଣ ସେମାନେ ହିଁ ସ୍ଥିର କରିଥାନ୍ତି ।

## ବିରୋଧର ଉଦ୍ଦେଶ୍ୟ

ସାରା ବିଶ୍ୱରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଭିନ୍ନ ଭିନ୍ନ ରାଷ୍ଟ୍ରରେ ଯୁବପିଢ଼ି ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଦୁର୍ନୀତି, ବେକାରି ସମସ୍ୟା, ଶିକ୍ଷାର ମାନ ହ୍ରାସ, ଶିକ୍ଷା କ୍ଷେତ୍ରରେ ଅବ୍ୟବସ୍ଥା, ପରୀକ୍ଷା ପରିଚାଳନାରେ ତ୍ରୁଟି, ଜଳବାୟୁ ପରିବର୍ତ୍ତନ, ସ୍ୱଜନ ତୋଷଣ, ରାଜନୈତିକ ଅସମାନତା ଆଦି ବିରୁଦ୍ଧରେ ସ୍ୱର ଉତ୍ତୋଳନ ହେଉଛି ଜେନ୍-ଜେଡ୍ ଆନ୍ଦୋଳନର ପ୍ରମୁଖ କାରଣ । ଅତୀତରେ ଆମେରିକା, ସ୍ୱିଡେନ, ହଂକଂ, ୟୁରୋପ,ଇରାନ, ଥାଇଲାଣ୍ଡ, ବାଂଲାଦେଶ, ନେପାଳ, ଅଷ୍ଟ୍ରେଲିଆ, ଦକ୍ଷିଣ କୋରିଆ, ପାଲେଷ୍ଟାଇନ୍ ଆଦି ରାଷ୍ଟ୍ରରେ ଜେନ୍-ଜେଡ୍‌ଙ୍କ ଆନ୍ଦୋଳନ ଚହଳ ସୃଷ୍ଟି କରିଥିଲା ।

## ଜେନ୍-ଜେଡ୍ କ୍ରାନ୍ତି

୨୦୨୪ ମସିହାରେ ବାଂଲାଦେଶର ଛାତ୍ର ଆନ୍ଦୋଳନକ ପ୍ରଥମ ଥର 'ଜେନ୍ ଜେଡ୍ କ୍ରାନ୍ତି' ବୋଲି ମାନ୍ୟତା ପାଇଥିଲା । ଏହି ଆନ୍ଦୋଳନ ସାରା ଦେଶର ଯୁବବର୍ଗଙ୍କୁ ପ୍ରେରଣା ଦେଇଥିଲା । ଏହା ପରେ ନେପାଳ, ଭାରତ, ପେରୁ, ଫିଲିପାଇନସ୍, କେନିଆ ଆଦି ବିଭିନ୍ନ ରାଷ୍ଟ୍ରରେ ଯୁବ ଆନ୍ଦୋଳନ ଦେଖିବାକୁ ମିଳିଥିଲା । ଯୁବପିଢ଼ି କେବଳ ଯେ, ନିଜର ଅସନ୍ତୋଷ ପ୍ରକାଶ କରନ୍ତି ତାହା ନୁହେଁ, ବରଂ ଦେଶର ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା, ଯୋଗ୍ୟତା ଆଧାରିତ ପରିବର୍ତ୍ତନ ଦାବି କରନ୍ତି । ଜେନ୍-ଜେଡ୍ ଆନ୍ଦୋଳନର ଶକ୍ତି ହେଉଛି ସେମାନଙ୍କ ଗତି ଓ ସଚେତନତା । ତେବେ କେବେକେବେ ସ୍ୱଷ୍ଟ ନେତୃତ୍ୱର ଅଭାବ ସେମାନଙ୍କୁ ଦୁର୍ବଳ କରିଦେଇଥାଏ । ତଥାପି ଯୁବପିଢ଼ି ବର୍ତ୍ତମାନ ସାରା ବିଶ୍ୱରେ ରାଜନୀତି ଓ ପାରମ୍ପରିକ ନିୟମକୁ ପ୍ରଭାବିତ କରିବାର ସବୁଠାରୁ ବଡ଼ ଶକ୍ତି ଭାବେ ପ୍ରକଟ ହୋଇଛନ୍ତି ।



## ଆର୍ଥିକ ନୀତିକୁ ନେଇ ଉତ୍‌କ୍ଷିପ୍ତ ଯୁବପିଢ଼ି

ସାରା ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଯୁବକମାନଙ୍କ ନେତୃତ୍ୱରେ ସରକାରୀ ବିରୋଧୀ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି । ଅତୀତରେ କେନିଆ ସରକାରଙ୍କ ଟ୍ୟାକ୍ସ ବୃଦ୍ଧିକୁ ନେଇ ବିବାଦୀୟ ପରିସ୍ଥିତି ଉପୁଜିଥିଲା । ଟ୍ୟାକ୍ସ ବୃଦ୍ଧି ପାଇଁ ଫାଇନାନ୍‌ସ୍ ବିଲ୍ ବିରୁଦ୍ଧରେ ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ସେହିପରି ଶ୍ରୀଲଙ୍କା, ଇଣ୍ଡୋନେସିଆ, ପେରୁରେ ମଧ୍ୟ ଭୀଷଣ ଆର୍ଥିକ ସଂକଟ, ଦରବୃଦ୍ଧି, ପେନ୍‌ସନ୍ ନିୟମ ବିରୁଦ୍ଧରେ ଯୁବବର୍ଗ ଆନ୍ଦୋଳନକୁ ଓହ୍ଲାଇ ଥିଲେ । ଭାରତଠାରୁ କେନିଆ ପର୍ଯ୍ୟନ୍ତ ହୋଇଥିବା ଆନ୍ଦୋଳନର ମୁଖ୍ୟ ନେତୃତ୍ୱ ନେଇଥିଲେ ଯୁବପିଢ଼ି । ସରକାରୀ ଦୁର୍ନୀତି, ନିଯୁକ୍ତି କ୍ଷେତ୍ରରେ ପ୍ରିୟାପ୍ରୀତି ତୋଷଣ, ଶିକ୍ଷା କ୍ଷେତ୍ରରେ ଅବ୍ୟବସ୍ଥା, ସାମାଜିକ ପ୍ରସଙ୍ଗ ଆଦିକୁ ନେଇ ଦିନକୁ ଦିନ ଯୁବପିଢ଼ି ଆନ୍ଦୋଳନକୁ ଓହ୍ଲାଉଛନ୍ତି । କୌଣସି ସଂଗଠନ ବା କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ ବିନା ସେମାନେ ନିଜ ଦମ୍ଭରେ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି ଆଉ ସରକାରଙ୍କୁ ଅଡୁଆରେ ପକାଉଛନ୍ତି । ଜେନ୍-ଜେଡ୍‌ଙ୍କ ନେତୃତ୍ୱରେ ହୋଇଥିବା ଅନେକ ଆନ୍ଦୋଳନକୁ ବେଶ୍ ସଫଳତା ମିଳିଛି ।




୩୬ ଦିନର ଦିଲ୍ଲୀର ଜନ୍ତର-ମନ୍ତର ଆନ୍ଦୋଳନ ଭାରତୀୟ ଛାତ୍ର ରାଜନୀତିରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି । ଜେନ୍-ଜେଡ୍ ପିଢ଼ି ଶୃଙ୍ଖଳିତ, ଅହିଂସାପୂର୍ଣ୍ଣ ଏବଂ ସୃଜନଶୀଳ ପ୍ରତିବାଦର ଏକ ଅନନ୍ୟ ଉଦାହରଣ ସ୍ଥାପନ କରିଛନ୍ତି । ଯାହାକି ବିଶ୍ୱର ଅନ୍ୟ ଆନ୍ଦୋଳନଠାରୁ ସମ୍ପୂର୍ଣ୍ଣ ଅଲଗା । ସେହିପରି ଜେନ-ଜେଡ୍ ପିଢ଼ିଙ୍କୁ ମୁଖ୍ୟତଃ ରିଲ୍ ଏବଂ ସୋସିଆଲ୍ ମିଡିଆ ପର୍ଯ୍ୟନ୍ତ ସୀମିତ ବୋଲି କୁହାଯାଉଥିବା ବେଳେ ଏହି ଆନ୍ଦୋଳନ ମାଧ୍ୟମରେ ଭାରତର ନୂତନ ପିଢ଼ି କେବଳ ଡିଜିଟାଲ୍ ନୁହେଁ, ବରଂ ଗଣତାନ୍ତ୍ରିକ ବୋଲି ବି ବୁଝାଇ ଦେଇଛନ୍ତି । ଗତ କିଛି ବର୍ଷ ମଧ୍ୟରେ ଜେନ୍-ଜେଡ୍ ବିଶ୍ୱର ଅନେକ ଦେଶରେ ପ୍ରମୁଖ ଆନ୍ଦୋଳନ କରିଛନ୍ତି । ଜେନ୍- ଜେଡ୍ ଜଳବାୟୁ ପରିବର୍ତ୍ତନଠାରୁ ଆରମ୍ଭ କରି ଗଣତନ୍ତ୍ର, ମହିଳା ଅଧିକାର, ଶିକ୍ଷା ଏବଂ ଜାତିଗତ ସମାନତା ପର୍ଯ୍ୟନ୍ତ ରାସ୍ତା ଏବଂ ଡିଜିଟାଲ୍ ପ୍ଲାଟଫର୍ମରେ ଶକ୍ତି ପ୍ରଦର୍ଶନ କରିଛନ୍ତି ।

### ଫ୍ରାନ୍ସ




୨୦୨୩ ମସିହାରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ପେନ୍‌ସନ୍ ସଂସ୍କାର ନୀତି ଏବଂ ପୁଲିସ ଗୁଳିରେ ୧୭ ବର୍ଷୀୟ ନାହେଲଙ୍କ ମୃତ୍ୟୁ ପରେ ଯୁବପିଢ଼ି ରାସ୍ତାକୁ ଓହ୍ଲାଇ ଥିଲେ । ହଜାର ହଜାର ଯାନବାହନ ପୋଡ଼ି ଦିଆଯାଇଥିଲା, ସରକାରୀ କୋଠା ଏବଂ ଦୋକାନ ଭଙ୍ଗା ଯାଇଥିଲା ଏବଂ ପୋଲିସ ଓ ପ୍ରଦର୍ଶନକାରୀଙ୍କ ମଧ୍ୟରେ ହିଂସାତ୍ମକ ସଂଘର୍ଷ ହୋଇଥିଲା ।

### ଚିଲି



୨୦୧୯ ମସିହାରେ ମେଟ୍ରୋ ଭଡ଼ା ବୃଦ୍ଧି ଯୋଗୁଁ ଆରମ୍ଭ ହୋଇଥିବା ଛାତ୍ର ଆନ୍ଦୋଳନ ଶୀଘ୍ର ଏକ ଜାତୀୟ ଗଣଆନ୍ଦୋଳନରେ ପରିଣତ ହୋଇଥିଲା । ଚିଲି ରାଜଧାନୀ ସାଣ୍ଟିଆଗୋ ସମେତ ଅନେକ ସହରରେ ମେଟ୍ରୋ ଷ୍ଟେସନଗୁଡ଼ିକରେ ନିଆଁ ଲଗା ଯାଇଥିଲା । ଫଳରେ ସାଧାରଣ ସମ୍ପତ୍ତିର ବ୍ୟାପକ କ୍ଷୟକ୍ଷତି ହୋଇଥିଲା ଏବଂ ଅନେକ ଲୋକ ପ୍ରାଣ ହରାଇ ଥିଲେ ।

### ହଂକଂ



୨୦୧୯-୨୦ ମସିହାରେ ପ୍ରତ୍ୟାର୍ପଣ ବିଲ୍ ବିରୋଧରେ ପ୍ରତିବାଦ ମୁଖ୍ୟତଃ ଯୁବପିଢ଼ି ଏବଂ ବିଶ୍ୱବିଦ୍ୟାଳୟ ଛାତ୍ରମାନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା । ଅନେକ ସ୍ଥାନରେ ପୋଲିସ ଏବଂ ପ୍ରତିବାଦକାରୀଙ୍କ ମଧ୍ୟରେ ହିଂସାତ୍ମକ ସଂଘର୍ଷ, ପେଟ୍ରୋଲ ବୋମା, ବ୍ୟାରିକେଡ୍ ଏବଂ ବ୍ୟାପକ ଗିରଫଦାରୀ ଦେଖିବାକୁ ମିଳିଥିଲା ।

### ଆମେରିକା

୨୦୨୪ ମସିହାରେ ଗାଜା ଯୁଦ୍ଧ ବିରୋଧରେ ହାର୍ଭାର୍ଡ, କଲମ୍ବିଆ, ୟୁସିଏଲ୍‌ଏ ସମେତ ଅନେକ ବିଶ୍ୱବିଦ୍ୟାଳୟର ଛାତ୍ରମାନେ ପ୍ରତିବାଦ କରିଥିଲେ । ଅଧିକାଂଶ ପ୍ରଦର୍ଶନ ଶାନ୍ତିପୂର୍ଣ୍ଣ ଥିଲା, କିନ୍ତୁ କିଛି କ୍ୟାମ୍ପସରେ ପୋଲିସ କାର୍ଯ୍ୟାନୁଷ୍ଠାନ, ସଂଘର୍ଷ ଏବଂ ଗିରଫଦାରୀ ଦେଖିବାକୁ ମିଳିଥିଲା ।

### ଶ୍ରୀଲଙ୍କା



୨୦୨୨ ମସିହାରେ ଆର୍ଥିକ ସଙ୍କଟ ସମୟରେ ବହୁ ସଂଖ୍ୟକ ଯୁବପିଢ଼ି ଅର୍ଗଲାୟା ଆନ୍ଦୋଳନରେ ସାମିଲ ହୋଇ ଥିଲେ । ଏହି ଆନ୍ଦୋଳନ ଦୀର୍ଘ ସମୟ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ରହିଥିଲା, କିନ୍ତୁ ପରେ ଏହା ଏକ ହିଂସାତ୍ମକ ଘଟଣାରେ ପରିଣତ ହୋଇଥିଲା । ଯେଉଁଥିରେ ରାଷ୍ଟ୍ରପତି ଭବନ ଦଖଲ, ସରକାରି ସମ୍ପତ୍ତି ନଷ୍ଟ ଏବଂ କିଛି ସ୍ଥାନରେ ହିଂସାତ୍ମକ ଘଟଣା ବି ସାମିଲ ଥିଲା ।




# ଜେନ୍-ଜେଡ୍ ଯୁବତୀଙ୍କ ଆନ୍ଦୋଳନ
# ସାମାଜିକ ପରିବର୍ତ୍ତନର ନୂଆ ଅଧ୍ୟାୟ



## ପ୍ରଜନନ ଅଧିକାର ପାଇଁ ଲଢ଼େଇ

ଜଳବାୟୁ ଆନ୍ଦୋଳନ ପରି, ପ୍ରଜନନ ଅଧିକାର ମଧ୍ୟ ଜେନ୍-ଜେଡ୍ ଯୁବତୀମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ୨୦୨୨ ମସିହାରେ ଆମେରିକାର ସର୍ବୋଚ୍ଚ ନ୍ୟାୟାଳୟ ଏକ ଐତିହାସିକ ରାୟ ଦେଇ ପୂର୍ବରୁ ଥିବା (Roe v. Wade) ନିଷ୍ପତ୍ତିକୁ ବାତିଲ କରିଥିଲେ। ଏହା ପରେ ଗର୍ଭପାତ ସମ୍ବନ୍ଧୀୟ ଆଇନ କରିବାର ଅଧିକାର ପ୍ରତ୍ୟେକ ରାଜ୍ୟକୁ ଦିଆଗଲା। ଏହି ପରିବର୍ତ୍ତନ ପରେ ହଜାର ହଜାର ଜେନ୍-ଜେଡ୍ ପିଢ଼ିର ଛାତ୍ରୀ ଓ ଯୁବ ମହିଳାମାନେ ବିଭିନ୍ନ ସହରରେ ବିକ୍ଷୋଭ କରିଥିଲେ। ସେମାନଙ୍କ ମତ ଥିଲା ଯେ, ମହିଳାଙ୍କ ଶରୀର ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ନିଷ୍ପତ୍ତି ନେବାର ଅଧିକାର ମହିଳାଙ୍କ ପାଖରେ ରହିବା ଉଚିତ। ଅନ୍ୟପଟେ, ଅନେକ ଲୋକ ଏହି ରାୟକୁ ସମର୍ଥନ କରିଥିଲେ, କାରଣ ସେମାନଙ୍କ ମତରେ ଗର୍ଭସ୍ଥ ଶିଶୁର ଜୀବନକୁ ସୁରକ୍ଷା ଦେବା ମଧ୍ୟ ସମାନ ଭାବରେ ଜରୁରି। ଏହି ଘଟଣାରୁ ଏହା ସ୍ପଷ୍ଟ ହୁଏ-ଗଣତନ୍ତ୍ରରେ ମତଭେଦ ରହିବା ସ୍ୱାଭାବିକ, କିନ୍ତୁ ବିବାଦର ସମାଧାନ ଆଇନ, ସଂଳାପ ଓ ପାରସ୍ପରିକ ସମ୍ମାନ ମାଧ୍ୟମରେ ହେବା ଉଚିତ।




## ସାମାଜିକ ପ୍ରସଙ୍ଗକୁ ନେଇ ବିପ୍ଳବ

ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଚାଲିଥିବା ଏହି ଆନ୍ଦୋଳନଗୁଡ଼ିକରୁ ଭାରତ ମଧ୍ୟ ବାଦ୍ ପଡ଼ିନାହିଁ। ଗତ କିଛି ବର୍ଷ ଧରି ଭାରତରେ ମହିଳା ସୁରକ୍ଷା, ପରିବେଶ ସଂରକ୍ଷଣ ଓ ସାମାଜିକ ନ୍ୟାୟ ପରି ବିଭିନ୍ନ ପ୍ରସଙ୍ଗରେ ଯୁବପିଢ଼ିର ସକ୍ରିୟ ଭାଗୀଦାରି ବଢ଼ିଛି। ବିଶେଷକରି ଜେନ୍-ଜେଡ୍ ପିଢ଼ିର ଯୁବତୀମାନେ ସଚେତନତା ସୃଷ୍ଟି, ଜନମତ ଗଠନ ଓ ଶାନ୍ତିପୂର୍ଣ୍ଣ ଆନ୍ଦୋଳନରେ ଅଗ୍ରଣୀ ଭୂମିକା ନେଉଛନ୍ତି। ମହିଳାଙ୍କ ସୁରକ୍ଷା ସମ୍ବନ୍ଧୀୟ ଘଟଣା ପରେ ଛାତ୍ରୀ ଓ ଯୁବତୀମାନେ ନ୍ୟାୟ, କଠୋର ଆଇନ ପ୍ରୟୋଗ ଓ ନିରାପଦ ସାର୍ବଜନୀନ ପରିବେଶର ଦାବିରେ ସ୍ୱର ଉଠାଇଛନ୍ତି। ସେହିପରି ପରିବେଶ ଅଭିଯାନ, ସାମାଜିକ ନ୍ୟାୟ, ସମାନ ସୁଯୋଗ ଓ ଶିକ୍ଷା ଅଧିକାର ପରି ପ୍ରସଙ୍ଗରେ ମଧ୍ୟ ସେମାନଙ୍କ ସକ୍ରିୟତା ଦେଖିବାକୁ ମିଳୁଛି। ଭାରତୀୟ ସନ୍ଦର୍ଭରେ ମଧ୍ୟ ସୋସିଆଲ୍ ମିଡିଆର ଭୂମିକା ଗୁରୁତ୍ୱପୂର୍ଣ୍ଣ।


ମାନସ କୁମାର କର

ଏକବିଂଶ ଶତାବ୍ଦୀର ତୃତୀୟ ଦଶକ ବିଶ୍ୱ ଇତିହାସରେ ଏକ ନୂତନ ଅଧ୍ୟାୟ ଭାବେ ଲିପିବଦ୍ଧ ହେବାକୁ ଯାଉଛି। ଏହି ସମୟଖଣ୍ଡରେ ଆମେ ଦେଖିବାକୁ ପାଇଛୁ ନାରୀ ଶକ୍ତିର ଏକ ଅଭୂତପୂର୍ବ ନବଜାଗରଣ, ଯାହାର ନେତୃତ୍ୱ ନେଉଛନ୍ତି ଜେନ୍-ଜେଡ୍। ସେପ୍ଟେମ୍ବର ୨୦୨୨ରେ ଇରାନର ଜଣେ ୨୨ ବର୍ଷୀୟା କୁର୍ଦ୍ଦିଶ ଯୁବତୀ ମହସା (ଜିନା) ଆମିନିଙ୍କ ମୃତ୍ୟୁ ଏହି ଜାଗରଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ତାଙ୍କ ମୃତ୍ୟୁ କେବଳ ଗୋଟିଏ ପରିବାରର ଶୋକର କାରଣ ହୋଇ ରହିନଥିଲା, ବରଂ ଏହା ସମଗ୍ର ବିଶ୍ୱରେ ନାରୀ ସ୍ୱାଧୀନତା, ନାଗରିକ ଅଧିକାର ଓ ରାଜ୍ୟର ନିୟନ୍ତ୍ରଣ ମଧ୍ୟରେ ଥିବା ସମ୍ପର୍କକୁ ନେଇ ଏକ ନୂଆ ବିତର୍କର ସୂଚନା ଦେଲା। ତାଙ୍କ ମୃତ୍ୟୁ ପରେ ଉଠିଥିବା 'ଓମେନ, ଲାଇଫ, ଫ୍ରିଡମ' ଅର୍ଥାତ୍ 'ମହିଳା, ଜୀବନ, ସ୍ୱାଧୀନତା' ଆନ୍ଦୋଳନ କେବଳ ଇରାନର ରାଜନୈତିକ ପରିସ୍ଥିତିକୁ ନୁହେଁ, ବିଶ୍ୱର ଜେନ୍–ଜେଡ୍ ପିଢ଼ିର ପ୍ରତିବାଦର ଚରିତ୍ରକୁ ମଧ୍ୟ ନୂତନ ଭାବେ ପରିଭାଷିତ କଲା ଏହି ଆନ୍ଦୋଳନର କେନ୍ଦ୍ରବିନ୍ଦୁରେ ଥିଲେ ଯୁବତୀମାନେ। ସେମାନେ କେବଳ ନିଜ ପୋଷାକ କିମ୍ବା ବ୍ୟକ୍ତିଗତ ସ୍ୱାଧୀନତାର ପ୍ରଶ୍ନ ଉଠାଇନଥିଲେ; ବରଂ ରାଷ୍ଟ୍ର, ସମାଜ ଓ ବ୍ୟକ୍ତିର ସମ୍ପର୍କକୁ ନେଇ ବ୍ୟାପକ ପ୍ରଶ୍ନ କରିଥିଲେ। ସେମାନଙ୍କ ପାଇଁ ପ୍ରତିବାଦ କେବଳ ଏକ ରାଜନୈତିକ କାର୍ଯ୍ୟ ନୁହେଁ; ଏହା ଥିଲା ନିଜ ଅସ୍ତିତ୍ୱ ଓ ମର୍ଯ୍ୟାଦାର ଦାବି। ତେବେ ଇରାନର ଏହି ଘଟଣାକୁ କେବଳ ସ୍ୱାଧୀନତାର ସଂଗ୍ରାମ କିମ୍ବା କେବଳ ବ୍ୟବସ୍ଥା ବିରୋଧୀ ବିଦ୍ରୋହ ବୋଲି ଦେଖିଲେ ଚିତ୍ର ଅସମ୍ପୂର୍ଣ୍ଣ ରହିଯିବ। ଇରାନର ଘଟଣା ଏକଥା ମଧ୍ୟ ସ୍ପଷ୍ଟ କରିଦେଲା ଯେ, ଆଜିର ଯୁବପିଢ଼ି କେବଳ ନିର୍ବାଚନ ସମୟରେ ମତଦାନ କରି ନିଜର ଦାୟିତ୍ୱ ଶେଷ କରନ୍ତି ନାହିଁ। ସେମାନେ ନୀତି, ଅଧିକାର ଓ ଶାସନ ପ୍ରକ୍ରିୟା ଉପରେ ମଧ୍ୟ ପ୍ରଶ୍ନ କରନ୍ତି।

ୟୁରୋପରେ ସ୍କୁଲ ଓ ବିଶ୍ୱବିଦ୍ୟାଳୟର ଛାତ୍ରୀମାନେ ପରିବେଶ ସୁରକ୍ଷା ପାଇଁ ବ୍ୟାପକ ଜନସଚେତନତା ସୃଷ୍ଟି କରିଛନ୍ତି। ସ୍ୱିଡେନର ଯୁବ ପରିବେଶ କର୍ମୀ ଗ୍ରେଟା ଥନବର୍ଗଙ୍କ ଏକାକୀ ପ୍ରତିବାଦ କ୍ରମେ ବିଶ୍ୱବ୍ୟାପୀ 'ଫ୍ରାଇଡେ ଫର୍ ଫ୍ୟୁଚର୍' ଆନ୍ଦୋଳନର ରୂପ ନେଲା। ଲକ୍ଷ ଲକ୍ଷ ଯୁବତୀ ରାସ୍ତାକୁ ଓହ୍ଲାଇ ସରକାରମାନଙ୍କୁ କାର୍ବନ ନିର୍ଗମନ କମାଇବା, ନବୀକରଣଯୋଗ୍ୟ ଶକ୍ତିରେ ବିନିଯୋଗ ବଢ଼ାଇବା ଓ ପରିବେଶ ସୁରକ୍ଷା ନୀତିର କେନ୍ଦ୍ରସ୍ଥାନରେ ରଖିବା ପାଇଁ ଦାବି କରିଥିଲେ।

## ସୁରକ୍ଷା ଦାବିରେ ପ୍ରତିବାଦ

ଜେନ୍-ଜେଡ୍ ଯୁବତୀମାନଙ୍କର ଏହି ସକ୍ରିୟତା କେବଳ ଘରୋଇ ପ୍ରସଙ୍ଗରେ ସୀମିତ ନୁହେଁ। ୨୦୨୩ ମସିହା ପରେ ପାଲେଷ୍ଟାଇନ–ଇସ୍ରାଏଲ ସଂଘର୍ଷ ତୀବ୍ର ହେବା ସହିତ ଆମେରିକା, ବ୍ରିଟେନ୍, ଫ୍ରାନ୍ସ, କାନାଡ଼ା ସମେତ ଅନେକ ଦେଶର ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପ୍ରତିବାଦ ଦେଖିବାକୁ ମିଳିଲା। ଏହି ଆନ୍ଦୋଳନରେ ଜେନ୍-ଜେଡ୍ ପିଢ଼ିର ଛାତ୍ରୀମାନଙ୍କ ଉପସ୍ଥିତି ବିଶେଷ ଭାବେ ଲକ୍ଷଣୀୟ ଥିଲା। ଅନେକ ଛାତ୍ରୀ ଯୁଦ୍ଧ ବନ୍ଦ କରିବା, ସାଧାରଣ ଲୋକଙ୍କ ଜୀବନର ସୁରକ୍ଷା ଓ ମାନବିକ ସହାୟତା ପହଞ୍ଚାଇବା ଦାବିରେ ପ୍ରତିବାଦ କରିଥିଲେ, କାରଣ ଯୁଦ୍ଧର ସବୁଠାରୁ ବଡ଼ କ୍ଷତି ମହିଳା ଓ ଶିଶୁମାନେ ସହିଥାନ୍ତି। ଅନ୍ୟପଟେ, ଅନେକ ଛାତ୍ରଛାତ୍ରୀ ଇସ୍ରାଏଲର ସୁରକ୍ଷା ଓ ଆତଙ୍କବାଦ ବିରୋଧୀ ପଦକ୍ଷେପକୁ ସମର୍ଥନ କରି ମଧ୍ୟ ବିକ୍ଷୋଭ କରିଥିଲେ। ସେହିପରି ଅତୀତରେ ଦକ୍ଷିଣ କୋରିଆ, ଇରାନ ଆଦି ରାଷ୍ଟ୍ରରେ ମଧ୍ୟ ଜେନ୍-ଜେଡ୍ ଯୁବତୀମାନେ ବିଭିନ୍ନ ପ୍ରସଙ୍ଗକୁ ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି।

ମହସା ଆମିନିଙ୍କ ମୃତ୍ୟୁ ପରବର୍ତ୍ତୀ ଆନ୍ଦୋଳନଠାରୁ ଆରମ୍ଭ କରି ଜଳବାୟୁ ନ୍ୟାୟ ପର୍ଯ୍ୟନ୍ତ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଜେନ୍-ଜି ମହିଳାମାନଙ୍କର ସଂଗ୍ରାମ ବିଶ୍ୱକୁ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି-ଯୁବ ସମାଜର ସ୍ୱରକୁ ଅବହେଳା କରିହେବ ନାହିଁ। ସମାଜରେ ପରିବର୍ତ୍ତନ ସେତେବେଳେ ହିଁ ସ୍ଥାୟୀ ହୁଏ, ଯେତେବେଳେ ସ୍ୱାଧୀନତା, ଦାୟିତ୍ୱ ଓ ସଂଳାପ ପରସ୍ପରର ପରିପୂରକ ହୋଇଉଠେ। ■

କୋଟାଙ୍ଗ, କୋଣାର୍କ, ପୁରୀ,
ମୋ: ୭୩୮୧୩୮୨୨୧୦

# ୟୁରୋପ ଓ ଆମେରିକାର 'ଜେନ୍-ଜେଡ୍' ବିପ୍ଳବ


ଡ. ବିମଳ ଷଡଙ୍ଗୀ





## କର୍ପୋରେଟ ବ୍ୟବସ୍ଥା ପ୍ରଭାବିତ

୨୦୨୪ରୁ ୨୦୨୬ ମଧ୍ୟରେ ଆମେରିକାରେ 'ଜେନ୍-ଜି'ର ଆନ୍ଦୋଳନ ଗାଜା ଯୁଦ୍ଧ, ଛାତ୍ର ଋଣ, ମହଙ୍ଗା ଶିକ୍ଷା, ମାନସିକ ସ୍ୱାସ୍ଥ୍ୟ ଓ କର୍ପୋରେଟ୍ ଶୋଷଣ ବିରୋଧ ଆଦିକୁ ନେଇ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ସ୍ୱର ବ୍ୟାପକ ହୋଇଥିଲା। ଏହି ଆନ୍ଦୋଳନଗୁଡ଼ିକର ଗୋଟିଏ ବିଶେଷତ୍ୱ ଥିଲା, ସେଗୁଡ଼ିକ କୌଣସି ରାଜନୈତିକ ଦଳ ସହାୟତାରେ ହୋଇନଥିଲା। ଅଧିକାଂଶ ସ୍ଥାନରେ କୌଣସି ପାରମ୍ପରିକ ନେତା ନଥିଲେ; ନେତୃତ୍ୱ ଥିଲା ସାମୂହିକ ଏବଂ ସଂଗଠନର ମାଧ୍ୟମ ଥିଲା ଟିକ୍‌ଟକ୍, ଇନଷ୍ଟାଗ୍ରାମ, ରେଡ୍ଡିଟ, ଡିସ୍‌କୋର୍ଡ୍ ପରି ଡିଜିଟାଲ୍ ପ୍ଲାଟଫର୍ମ। ଯେଉଁଥିରେ ଶତାଧିକ ଛାତ୍ରଛାତ୍ରୀ ଗିରଫ ହୋଇଥିଲେ।

କର୍ପୋରେଟ୍ ନୀତି ଉପରେ ଚାପ ଫଳରେ କାର୍ଯ୍ୟ ସଂସ୍କୃତିରେ ବଡ଼ ପରିବର୍ତ୍ତନ ଆସିଥିଲା। ଆମେରିକା 'ଜେନ-ଜେଡ୍' ଯୁବପିଢ଼ି କର୍ପୋରେଟ୍ ଶୋଷଣ ବିରୋଧରେ ମାନସିକ ସ୍ତରରେ ପ୍ରତିବାଦ କରି 'କେବଳ ଦରମା ଅନୁଯାୟୀ ସୀମିତ କାମ' କରିବା ଆରମ୍ଭ କଲେ। କମ୍ପାନୀଗୁଡ଼ିକ ପ୍ରତି ଅନ୍ଧ ଭାବରେ ବିଶ୍ୱାସ ବଦଳରେ ନିଜର ବ୍ୟକ୍ତିଗତ ଜୀବନ ଓ ମାନସିକ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବାକୁ ଯୁବପିଢ଼ି ଆନ୍ଦୋଳନକୁ ଗୋଟିଏ ମାଧ୍ୟମ ଭାବରେ ନେଇଥିଲେ। ଜାପାନୀ ଆନିମେ ସିରିଜ୍ 'ୱାନ୍ ପିସ୍'ର ପାଇରେଟ୍ ପତାକା ଏହି ଆନ୍ଦୋଳନର ଗୋଟିଏ ବିଶ୍ୱସ୍ତରୀୟ ପ୍ରତୀକ ପାଲଟିଥିଲା। ଆନ୍ଦୋଳନକୁ ରୋକିବା ପାଇଁ ଆମେରିକା ସରକାର ଇଣ୍ଟରନେଟ୍ ଉପରେ ନଜର ରଖିବା ଏବଂ ଡିଜିଟାଲ୍ ସେନ୍ସରସିପ୍ ବୃଦ୍ଧି କରିଥିଲେ। ମାତ୍ର ବିକ୍ଷୋଭ ଓ ଆନ୍ଦୋଳନ ଯୋଗୁଁ ବିଭିନ୍ନ ସହରରେ ସରକାରୀ ସମ୍ପତ୍ତି ନଷ୍ଟ ହେବା ସହ କୋଟି କୋଟି ଡଲାରର ବ୍ୟବସାୟିକ କ୍ଷତି ଘଟିଥିଲା। ଆମେରିକାର 'ଜେନ୍-ଜେଡ୍' ବିପ୍ଳବର ସବୁଠାରୁ ବଡ଼ ପ୍ରଭାବ ଦେଖାଗଲା କାର୍ଯ୍ୟ ସଂସ୍କୃତି ଓ ବିଶ୍ୱବିଦ୍ୟାଳୟ ଜୀବନରେ। ହାଇବ୍ରିଡ୍ କାର୍ଯ୍ୟ ବ୍ୟବସ୍ଥା, ମାନସିକ ସ୍ୱାସ୍ଥ୍ୟ ସହାୟତା ଓ କର୍ମଚାରୀ କଲ୍ୟାଣ ଉପରେ ଅଧିକ ନିବେଶ କରିବା ସହିତ ନିଜର ନୀତି ପରିବର୍ତ୍ତନ କରିବାକୁ କର୍ପୋରେଟ୍ ସଂସ୍ଥାଗୁଡ଼ିକ ବାଧ୍ୟ ହେଲେ। ଏହା ସ୍ପଷ୍ଟ କରିଥିଲା ଯେ, ଯୁବପିଢ଼ି କେବଳ ରାଜନୀତିକୁ ନୁହେଁ, ଅର୍ଥନୀତି, ଘରୋଇ ସଂସ୍ଥାଗୁଡ଼ିକର ଆର୍ଥିକ ଓ ମାନସିକ ଶୋଷଣ ବିରୁଦ୍ଧରେ ବା କର୍ପୋରେଟ୍ ବ୍ୟବସ୍ଥାକୁ ମଧ୍ୟ ପ୍ରଭାବିତ କରିବାର କ୍ଷମତା ରଖିପାରନ୍ତି।

"ପ୍ରତ୍ୟେକ ପିଢ଼ି ନୂଆ ଇତିହାସ ରଚିଥାଆନ୍ତି, କିନ୍ତୁ ଏକବିଂଶ ଶତାବ୍ଦୀରେ 'ଜେନ୍-ଜେଡ୍' ପିଢ଼ି ଇତିହାସର ଦିଗ ବଦଳାଇ ଦେବାକୁ ସମର୍ଥ ହୋଇଛନ୍ତି।" ଦିନଥିଲା, ଯେତେବେଳେ ବିପ୍ଳବର ଅର୍ଥ ଅସ୍ତ୍ର, ରକ୍ତପାତ ଓ ସରକାର ପତନ ଆଦିରେ ସୀମିତ ଥିଲା। କିନ୍ତୁ ଏକବିଂଶ ଶତାବ୍ଦୀର ତୃତୀୟ ଦଶକରେ ବିପ୍ଳବର ସଂଜ୍ଞା ବନ୍ଧୁକମୁନ ବଦଳରେ ସ୍ମାର୍ଟଫୋନର ସ୍କ୍ରିନ୍, ସାମାଜିକ ଗଣମାଧ୍ୟମର ପ୍ରଚାର ଏବଂ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରୁ ଆରମ୍ଭ ହେଉଛି। ଏହି ନୂତନ ବିପ୍ଳବର ନେତୃତ୍ୱ ନେଉଛନ୍ତି 'ଜେନ୍-ଜେଡ୍' ବା ୧୯୯୭ରୁ ୨୦୧୨ ମଧ୍ୟରେ ଜନ୍ମିତ ଯୁବପିଢ଼ି ଯାହା ଏମିତି ଗୋଟିଏ ପିଢ଼ି, ଯେଉଁମାନେ ଇଣ୍ଟରନେଟ୍ ସହ ଜନ୍ମ ନେଇଛନ୍ତି, ସୂଚନାକୁ ନିଜର ଶକ୍ତି କରିଛନ୍ତି ଏବଂ ଶାସକମାନଙ୍କୁ ଉତ୍ତରଦାୟିତ୍ୱର କାଠଗଡ଼ାରେ ଠିଆ କରିଛନ୍ତି। ୟୁରୋପ ଓ ଆମେରିକାରେ ଘଟିଥିବା 'ଜେନ୍-ଜେଡ୍' ଆନ୍ଦୋଳନଗୁଡ଼ିକ ପ୍ରମାଣ କରିଛି ଯେ, ଗଣତନ୍ତ୍ର କେବଳ ନିର୍ବାଚନରେ ସୀମିତ ନୁହେଁ; ଏହା ଜନଜାଗରଣ ଓ ଜନନିୟନ୍ତ୍ରଣର ଗୋଟିଏ ନିରନ୍ତର ପ୍ରକ୍ରିୟା।

## ଜନମତ ଉପରେ ଗୁରୁତ୍ୱାରୋପ

ୟୁରୋପର ବିଭିନ୍ନ ରାଷ୍ଟ୍ରରେ ଜଳବାୟୁ ପରିବର୍ତ୍ତନ, ପରିବେଶ ନୀତି, ଗୃହଋଣ, ଦୁର୍ନୀତି ଓ ପ୍ରଶାସନିକ ବିଫଳତା, ରେଳ ସୁରକ୍ଷା, ଦୈନନ୍ଦିନ ଖର୍ଚ୍ଚ, ଗୃହ ସମସ୍ୟା, ଦରଦାମ ବୃଦ୍ଧି, ବେକାରୀ ବୃଦ୍ଧି, ପେନସନ୍, ଜୀବନଯାପନ ଖର୍ଚ୍ଚ, ଶ୍ରମ ସଂସ୍କୃତି, ଛାତ୍ରଋଣ, ମାନସିକ ସ୍ୱାସ୍ଥ୍ୟ ଆଦି ଅନେକ ସମସ୍ୟାକୁ ନେଇ ଏହି ବିପ୍ଳବ ବ୍ରିଟେନ୍, ଜର୍ମାନୀ, ରୋମାନିଆ, ସର୍ବିଆ, ଗ୍ରୀସ୍, ବୁଲଗେରିଆ, ଫ୍ରାନ୍ସ, ଆଦି ଅନେକ ଦେଶରେ ବ୍ୟାପକ ହୋଇଥିଲା। ଫଳରେ ବିଶ୍ୱବିଦ୍ୟାଳୟ ନୀତି ଉପରେ ଚର୍ଚ୍ଚା, ପରିବେଶ ନୀତି ଉପରେ ରାଜନୈତିକ ଚାପ, ସରକାରୀ ନୀତି ଉପରେ ତୀବ୍ର ଆଲୋଚନା, ସରକାରୀ ସଂସ୍କାର, ଦାୟିତ୍ୱ ନିର୍ଦ୍ଧାରଣ ଦାବି, କର୍ପୋରେଟ୍ ନୀତି ଉପରେ ଚାପ, ସାମାଜିକ ନ୍ୟାୟ ଉପରେ ଚର୍ଚ୍ଚା, ବ୍ୟାପକ ଜନଆନ୍ଦୋଳନ ଆଦି ତୀବ୍ର ରୂପ ଧାରଣ କରିଥିଲା। 'ଜେନ୍-ଜେଡ୍' ଆନ୍ଦୋଳନ ପରେ ୟୁରୋପର ଅନେକ ଦେଶରେ ସରକାରମାନେ ଜନମତକୁ ଅଧିକ ଗୁରୁତ୍ୱ ଦେବାକୁ ବାଧ୍ୟ ହେଲେ। ରେଳ ସୁରକ୍ଷା, ଦୁର୍ନୀତି, ସରକାରୀ ବ୍ୟୟ ଓ ପ୍ରଶାସନିକ ସ୍ୱଚ୍ଛତା ଉପରେ ବ୍ୟାପକ ଚର୍ଚ୍ଚା ହେଲା। କେତେକ ଦେଶରେ ମନ୍ତ୍ରୀସ୍ତରୀୟ ପରିବର୍ତ୍ତନ, ତଦନ୍ତ କମିଟି ଗଠନ ଏବଂ ସଂସ୍କାର ଘୋଷଣା ହେଲା। ସମସ୍ତ ସ୍ଥାନରେ ତୁରନ୍ତ ରାଜନୈତିକ ପରିବର୍ତ୍ତନ ଘଟିନଥିଲେ ମଧ୍ୟ, ଯୁବପିଢ଼ିର ଚାପ ନୀତି ନିର୍ମାତାଙ୍କୁ ଅଧିକ ଉତ୍ତରଦାୟୀ କରିଥିଲା।




'ଜେନ୍-ଜେଡ୍' ବିପ୍ଳବର ସବୁଠାରୁ ବଡ଼ ଅବଦାନ ହେଉଛି ଯେ, ଏହା ଗଣତନ୍ତ୍ରକୁ ନିର୍ବାଚନରୁ ଊର୍ଦ୍ଧ୍ୱକୁ ନେଇଯାଇଛି। ଏହି ପିଢ଼ି ଶିଖାଇଛି ଯେ ସରକାର ପାଞ୍ଚ ବର୍ଷରେ ଥରେ ନୁହେଁ, ପ୍ରତିଦିନ ଜନତାଙ୍କ ପ୍ରତି ଉତ୍ତରଦାୟୀ ହେବା ଦରକାର। ସାମାଜିକ ଗଣମାଧ୍ୟମ ଯୁବପିଢ଼ିଙ୍କୁ ଗୋଟିଏ ନୂଆ ଗଣତାନ୍ତ୍ରିକ ଶକ୍ତି ଦେଇଛି, ଯେଉଁଠାରେ ଗୋଟିଏ ଭିଡିଓ, ଗୋଟିଏ ପୋଷ୍ଟ କିମ୍ବା ଗୋଟିଏ ହ୍ୟାସଟ୍ୟାଗ୍ ସାରା ବିଶ୍ୱର ଧ୍ୟାନ ଆକର୍ଷଣ କରିପାରେ। କିନ୍ତୁ ଏହି ବିପ୍ଳବର କିଛି ସତର୍କତା ମଧ୍ୟ ରହିଛି। କେତେକ ସ୍ଥାନରେ ହିଂସା, ସମ୍ପତ୍ତି କ୍ଷତି, ସାମାଜିକ ଧ୍ରୁବୀକରଣ ଓ ଡିଜିଟାଲ୍ ଭ୍ରାନ୍ତ ସୂଚନା ମଧ୍ୟ ଦେଖାଯାଇଛି। ତେଣୁ ଆନ୍ଦୋଳନର ସଫଳତା କେବଳ ଜନସମର୍ଥନରେ ନୁହେଁ, ବରଂ ତାହାର ଅହିଂସା, ଶୃଙ୍ଖଳା ଓ ଗଠନମୂଳକ ଦୃଷ୍ଟିକୋଣରେ ନିର୍ଭର କରେ।




ୟୁରୋପ ଓ ଆମେରିକାର 'ଜେନ୍-ଜେଡ୍' ବିପ୍ଳବ ଭାରତ ପାଇଁ ଗୋଟିଏ ଦର୍ପଣ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ପରିବର୍ତ୍ତନର ପଥ ହେଉଛି ସଂବିଧାନ ସମ୍ମତ, ଶାନ୍ତିପୂର୍ଣ୍ଣ ଓ ତଥ୍ୟାଧାରିତ ଜନସହଭାଗ। 'ଜେନ୍-ଜେଡ୍' ବିପ୍ଳବ ଆମକୁ ଗୋଟିଏ ସ୍ପଷ୍ଟ ବାର୍ତ୍ତା ଦେଇଛି, ଆଜିର ଯୁବପିଢ଼ି କେବଳ ଚାକିରି କିମ୍ବା ଡିଗ୍ରୀ ଚାହୁଁ ନାହାନ୍ତି; ସେମାନେ ଶିକ୍ଷା ଓ ସ୍ୱାସ୍ଥ୍ୟସେବାରେ ସମାନତା, ସ୍ୱଚ୍ଛନ୍ୟାୟ, ପରିବେଶ ସୁରକ୍ଷା, ସମ୍ମାନ, ଦୁର୍ନୀତ ଓ ପ୍ରିୟାପ୍ରୀତି ତୋଷଣମୁକ୍ତ ସମାଜ, ଦରଦାମ ନିୟନ୍ତ୍ରଣ, ସୁଯୋଗ ଓ ଭବିଷ୍ୟତର ସୁରକ୍ଷା ଚାହୁଁଛନ୍ତି। ଯେଉଁ ସରକାର ଏହି ସନ୍ଦେଶଗୁଡ଼ିକକୁ ବୁଝିବେ, ସେମାନେ ଦୀର୍ଘସ୍ଥାୟୀ ଜନବିଶ୍ୱାସ ହାସଲ କରିବେ। ଯେଉଁମାନେ ଅବହେଳା କରିବେ, ସେମାନଙ୍କୁ ନିର୍ବାଚନ ପୂର୍ବରୁ ମଧ୍ୟ ଜନମତର କଠୋର ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଏହି କାରଣରୁ 'ଜେନ୍-ଜେଡ୍' ବିପ୍ଳବ କେବଳ ଗୋଟିଏ ଯୁବ ଆନ୍ଦୋଳନ ନୁହେଁ; ଏହା ଏକବିଂଶ ଶତାବ୍ଦୀର ଗଣତନ୍ତ୍ର, ଶାସନ ଓ ସାମାଜିକ ଚୁକ୍ତିକୁ ପୁନର୍ବ୍ୟାଖ୍ୟା କରୁଥିବା ଗୋଟିଏ ଐତିହାସିକ ପରିବର୍ତ୍ତନ। ■

ମୋ: ୯୪୩୭୧୨୩୮୯୨



# ପରିବେଶ ସୁରକ୍ଷା ପାଇଁ ଯୁବପିଢ଼ିଙ୍କ ଲଢ଼େଇ



ମୋଜାଫର ଖାଁ

୧୯୯୭ରୁ ୨୦୧୨ ମସିହା ମଧ୍ୟରେ ଜନ୍ମିତ ଜେନ୍- ଜେଡ୍ ବା ଜେନ୍- ଜି ଆଜି ଶିକ୍ଷା, ନିଯୁକ୍ତି, ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶ ସୁରକ୍ଷାରେ ବୃଦ୍ଧି ପାଉଥିବା ସକ୍ରିୟ ଅଂଶ ଗ୍ରହଣ ସମଗ୍ର ବିଶ୍ୱରେ ଗଭୀର ପ୍ରଭାବ ପକାଇଛି । ଜେନ୍-ଜେଡ୍ ହେଉଛି ଆଧୁନିକ ଡିଜିଟାଲ୍ ଯୁଗରେ ଜନ୍ମ ହୋଇଥିବା ପିଢ଼ି ଯାହାଙ୍କର ଜନ୍ମ ଇଣ୍ଟରନେଟ୍ ଏବଂ ସ୍ମାର୍ଟଫୋନ୍ ଯୁଗରେ । ସମଗ୍ର ବିଶ୍ୱର ନୀତି ନିର୍ଦ୍ଧାରକମାନେ କେବଳ ସଭାସମିତି ଓ ନୀତିଗତ ଭାଷଣ ମଧ୍ୟରେ ଜଳବାୟୁ ପରିବର୍ତ୍ତନକୁ ସୀମିତ ରଖିଛନ୍ତି କିନ୍ତୁ ସେତିକିବେଳେ ଏହି ପିଢ଼ି ନିଜ ଭବିଷ୍ୟତକୁ ବଞ୍ଚାଇବା ପାଇଁ ରାଜରାସ୍ତାକୁ ଓହ୍ଲାଇଛି । ସାଂପ୍ରତିକ ପରିସ୍ଥିତିରେ ଆମ ଦେଶରେ ଏହି ଜେନ୍-ଜେଡ୍ ଦ୍ୱାରା ସଙ୍ଗଠିତ ନିଟ୍ ପ୍ରଶ୍ନପତ୍ର ଲିକ୍ ବିରୁଦ୍ଧରେ ପ୍ରତିବାଦ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଇସ୍ତଫା ଦେବା ପାଇଁ ବାଧ୍ୟ କରି ସଫଳ ମଧ୍ୟ ହୋଇଛି । ବର୍ତ୍ତମାନ କେବଳ ଭାରତରେ କାହିଁକି ସମଗ୍ର ବିଶ୍ୱରେ ଏହି ଜେନେରେସନର ପ୍ରଭାବ ଦେଖିବାକୁ ମିଳୁଛି । କେବଳ ଶିକ୍ଷା କ୍ଷେତ୍ରରେ ସୀମିତ ନ ରହି ଜଳବାୟୁ ପରିବର୍ତ୍ତନ ଏବଂ ପ୍ରାକୃତିକ ବିପର୍ଯ୍ୟୟ କ୍ଷେତ୍ରରେ ମଧ୍ୟ ପ୍ରଭାବ ପୂର୍ବରୁ ପରିଲକ୍ଷିତ ହୋଇଛି ।

## ଜଳବାୟୁ ପରିବର୍ତ୍ତନ ପ୍ରତି ସଚେତନ ଯୁବବର୍ଗ

ଆଜିର ଯୁବପିଢ଼ି ଅର୍ଥାତ୍ ଜେନ୍-ଜି ଜଳବାୟୁ ପରିବର୍ତ୍ତନ ବିରୋଧରେ ଏକ ଗୁରୁତ୍ୱପୂର୍ଣ୍ଣ କ୍ରାନ୍ତିକାରୀ ଆନ୍ଦୋଳନର ନେତୃତ୍ୱ ନେଉଛି । ଇନ୍ଷ୍ଟାଗ୍ରାମ୍ ଏବଂ ଟ୍ୱିଟର ଏକ୍ସ ମାଧ୍ୟମରେ ସେମାନେ ସ୍ୱଳ୍ପ ସମୟ ମଧ୍ୟରେ କୋଟି କୋଟି ଯୁବପିଢ଼ିଙ୍କୁ ଏକାଠି କରିପାରୁଛନ୍ତି । ପରିବେଶ ସୁରକ୍ଷାକୁ କେବଳ ଏକ ସାଧାରଣ ପ୍ରସଙ୍ଗ ନ ଭାବି ଏହାକୁ ମାନବାଧିକାର, ରାଜନୈତିକ ସଚେତନତା ଏବଂ ଆଇନଗତ ଅଧିକାରର ମୁଖ୍ୟ ପ୍ରସଙ୍ଗ ଭାବେ ଗ୍ରହଣ କରାଯାଉଛି । ପୃଥିବୀର ପ୍ରତ୍ୟେକ କୋଣ ଅନୁକୋଣରେ ଏହି ଯୁବପିଢ଼ି ନିଜ ଦେଶର ଭୌଗୋଳିକ, ରାଜନୈତିକ ଏବଂ ଅର୍ଥନୈତିକ ସମସ୍ୟା ଅନୁସାରେ ନିଜ ପ୍ରତିବାଦର ସ୍ୱରକୁ ଉତ୍ତୋଳନ କରିଛନ୍ତି । ପ୍ରକୃତିର ସୁରକ୍ଷା ପାଇଁ ସ୍ୱିଡେନ୍‌ର ସଂସଦ ଭବନ ଆଗରୁ ଆରମ୍ଭ ହୋଇଥିବା ଏହି ସ୍ୱର ଆଜି ଏସିଆ, ଆଫ୍ରିକା ଏବଂ ଲାଟିନ୍ ଆମେରିକାର ବିଭିନ୍ନ ସ୍ଥାନରେ ଏକ ପ୍ରଚଣ୍ଡ ବିପ୍ଲବର ରୂପ ନେଇଛି ।




## ଗ୍ରେଟା ଥନ୍‌ବର୍ଗଙ୍କ ଅଭିଯାନ

୨୦୧୮ ମସିହାରେ ୧୫ ବର୍ଷୀୟା ଗ୍ରେଟା ଥନ୍‌ବର୍ଗ ସ୍ୱିଡେନ୍ ସଂସଦ ଆଗରେ 'ସ୍କୁଲ୍ ଷ୍ଟ୍ରାଇକ୍ ଫର୍ କ୍ଲାଇମେଟ୍' ଅଭିଯାନ ଆରମ୍ଭ କରିଥିଲେ । ଏହି ପ୍ରତିବାଦ ପରବର୍ତ୍ତୀ ସମୟରେ ବିଶ୍ୱର ସବୁଠାରୁ ବଡ଼ ଯୁବ ଆନ୍ଦୋଳନ 'ଫ୍ରାଇଡେଜ୍ ଫର୍ ଫ୍ୟୁଚର'ରେ ରୂପାନ୍ତରିତ ହୋଇଥିଲା । ୧୫୦ ରୁ ଅଧିକ ଦେଶର ୪୦ ଲକ୍ଷରୁ ଅଧିକ ଯୁବକ ଓ ନାଗରିକ ରାଜରାସ୍ତାକୁ ଓହ୍ଲାଇ ବିଶ୍ୱର ସବୁଠାରୁ ବଡ଼ ଜଳବାୟୁ ପ୍ରତିବାଦ ସୃଷ୍ଟି କରିଥିଲେ । ସେମାନେ ଦାବି କରିଥିଲେ ଯେ ବିଶ୍ୱ ଉତ୍ତାପ ବୃଦ୍ଧିକୁ ୧.୫° ସେଲସିଅସ୍ ମଧ୍ୟରେ ସୀମିତ ରଖିବା ଓ ନୂତନ କୋଇଲା, ତେଲ ଓ ଗ୍ୟାସ୍ ପ୍ରକଳ୍ପ ସମ୍ପୂର୍ଣ୍ଣ ବନ୍ଦ କରିବା ଏବଂ ରାଜନୈତିକ ଲାଭ ଅପେକ୍ଷା ମାନବ ସମାଜର ସୁରକ୍ଷାକୁ ଦୃଷ୍ଟିରେ ରଖି ଆଇନ୍ ପ୍ରଣୟନ କରିବା ।

ସେହିପରି ଭାବରେ ଜର୍ମାନୀର ଲୁଟ୍‌ଜେରାଥ୍ ଗ୍ରାମକୁ କୋଇଲା ଖଣି ନିର୍ମାଣ ପାଇଁ ଭାଙ୍ଗିବାକୁ ସରକାର ନିଷ୍ପତ୍ତି ନେବା ପରେ କିଛି ଯୁବ ସମୂହ 'ସିଭିଲ୍ ଅବିଡିଏନ୍ସ' ବା ଆଇନ୍ ଅମାନ୍ୟ ମାଧ୍ୟମରେ ମୁଖ୍ୟ ରାସ୍ତାରେ ବିମାନବନ୍ଦରର ରନୱେ ବା ଉଡ଼ାଣ ବାଟ ଅବରୋଧ କରିବା ଭଳି କଠୋର ପଦକ୍ଷେପ ନେଇ ସରକାରଙ୍କ ଉପରେ ଚାପ ପକାଇଥିଲେ । ଜର୍ମାନୀର ବର୍ଲିନ୍ ଏବଂ ମ୍ୟୁନିକ୍ ଭଳି ସହରରେ ଛାତ୍ରଛାତ୍ରୀମାନେ କୋଇଲା ଖଣି ବନ୍ଦ କରିବା ଏବଂ ଅକ୍ଷୟ ଶକ୍ତି ଆପଣାଇବା ପାଇଁ ସମାବେଶ କରୁଛନ୍ତି । ଅନ୍ୟ ପକ୍ଷରେ ଅଷ୍ଟ୍ରେଲିଆ ଭଳି ଦେଶ ବିଶ୍ୱର ସବୁଠାରୁ ବଡ଼ କୋଇଲା ଏବଂ ଲିକ୍ୱୀଫାଇଡ ନେଚୁରାଲ୍ ଗ୍ୟାସର ରପ୍ତାନିକାରୀ ଦେଶଗୁଡ଼ିକ ମଧ୍ୟରୁ ଅନ୍ୟତମ । ଏଠାରେ ୨୦୧୯-୨୦ ରେ ବ୍ଲାକ୍ ସମର୍ ଜଙ୍ଗଲରେ ଭୟଙ୍କର ନିଆଁ ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି କରିଥିଲା । କ୍ୱିନ୍ସଲ୍ୟାଣ୍ଡର 'କାରମାଇକେଲ କୋଇଲା ଖଣି' ପ୍ରକଳ୍ପ ବିରୋଧରେ ଏହି ଜେନ୍-ଜି ଏକାଠି ହୋଇ #StopAdani ଆନ୍ଦୋଳନ କରିଥିଲେ । ଏହା ସମଗ୍ର କୋଇଲା ଶିଳ୍ପ ବିରୋଧରେ ଏକ ଜାତୀୟ ପ୍ରତିରୋଧ ଥିଲା । ସେମାନେ ଦାବି କରିଥିଲେ ଯେ ୨୦୩୦ ମସିହା ସୁଦ୍ଧା ଅଷ୍ଟ୍ରେଲିଆର ସମସ୍ତ ବିଜୁଳି ନବୀକରଣ ଯୋଗ୍ୟ ଶକ୍ତି ଯେପରିକି ସୌର ଓ ପବନ ଶକ୍ତିରୁ ଉତ୍ପାଦନ ହେଉ । ଆମ ଦେଶ ଭାରତରେ ମଧ୍ୟ 'ୟୁଥ୍ ଫର୍ କ୍ଲାଇମେଟ୍ ଇଣ୍ଡିଆ' ଅଭିଯାନ ମାଧ୍ୟମରେ ଯୁବପିଢ଼ି ସ୍ୱର ଉତ୍ତୋଳନ କରୁଛନ୍ତି । ନୂଆଦିଲ୍ଲୀର ବାୟୁ ପ୍ରଦୂଷଣ, ମୁମ୍ବାଇରେ ମେଟ୍ରୋ ଚଳାଚଳ ପ୍ରକଳ୍ପ ପାଇଁ ଜଙ୍ଗଲ କଟା ବିରୋଧ, ଓଡ଼ିଶାରେ ନିୟମଗିରି ଓ ସିଜିମାଳି ଦ୍ୱନ୍ଦ୍ୱ କିମ୍ବା ଉପକୂଳବର୍ତ୍ତୀ ଅଞ୍ଚଳରେ ସମୁଦ୍ର ପତନ ବୃଦ୍ଧିକୁ ନେଇ ଚିନ୍ତା, ଭାରତର ଜେନ୍ ଜି ଶାନ୍ତିପୂର୍ଣ୍ଣ ପ୍ରଦର୍ଶନ ଓ ସୋସିଆଲ୍ ମିଡିଆ ମାଧ୍ୟମରେ ସରକାରଙ୍କ ଉପରେ ଚାପ ପକାଉଛନ୍ତି ।

## ସବୁଜ ପୃଥିବୀ ଗଠନ ପାଇଁ ସଂକଳ୍ପବଦ୍ଧ

ସୁପର୍ ସାଇକ୍ଲୋନ୍ ଏବଂ ସମୁଦ୍ର ପତନ ବୃଦ୍ଧିର ଶିକାର ହେଉଥିବା ଫିଲିପାଇନ୍ସ, କେନ୍ୟା ଓ ବାଂଲାଦେଶ ଭଳି ଦେଶର ଜେନ୍-ଜି ନିଜ ଜୀବନ ଓ ଜୀବିକାର ସୁରକ୍ଷା ପାଇଁ ରାଜପଥକୁ ଓହ୍ଲାଉଛନ୍ତି । ସେମାନେ କ୍ଲାଇମେଟ୍ ଜଷ୍ଟିସ୍ ପାଇଁ ଦାବି କରୁଛନ୍ତି । ଏହି ଜେନ୍-ଜି ଯୁବ କ୍ଲାଇମେଟ୍ ଗ୍ରୁପ୍ ଆମେରିକା ରାଜନୀତିରେ ବଡ଼ ଧରଣର ପ୍ରଭାବ ପକାଇଛନ୍ତି । ସେମାନେ 'ଗ୍ରୀନ୍ ନ୍ୟୁ ଡିଲ୍' ନୀତି ପାଇଁ ସଂସଦ ଭବନ ବାହାରେ ଧାରଣା ଦେବା ସହ ନିର୍ବାଚନରେ ଜଳବାୟୁ ପ୍ରସଙ୍ଗକୁ ମୁଖ୍ୟ ମୁଦ୍ଦା କରିଛନ୍ତି । ଜଳବାୟୁ ପରିବର୍ତ୍ତନ କୌଣସି ଭବିଷ୍ୟତର ସଙ୍କଟ ନୁହେଁ ଯାହାକୁ ଆମେ ଆଗାମୀ କିଛି ବର୍ଷ ପାଇଁ ସ୍ଥଗିତ କରିପାରିବା । ଏହା ପ୍ରକୃତିର ଭୌତିକ ନିୟମ ଦ୍ୱାରା ନିୟନ୍ତ୍ରିତ ଏକ ଗୁରୁତର ପରିସ୍ଥିତି । ଆଜି କାର୍ଯ୍ୟାନୁଷ୍ଠାନ ନେବାରେ କେବଳ କିଛି ବର୍ଷର ବିଳମ୍ବ ମଧ୍ୟ ପୃଥିବୀର ପରିସଂସ୍ଥାକୁ ଏକ ବିନାଶକାରୀ ମୋଡ଼କୁ ନେଇଯିବ ଯାହାକୁ ପରବର୍ତ୍ତୀ ସମୟରେ ସୁଧାରିବା ସମ୍ପୂର୍ଣ୍ଣ ଅସମ୍ଭବ ହୋଇପଡ଼ିବ । ତେଣୁ ଆଗାମୀ ପିଢ଼ିର ସୁରକ୍ଷା ନିମନ୍ତେ ଆଜିର ଜେନ୍-ଜି ପ୍ରତିବଦ୍ଧ ହୋଇ ପ୍ରତିବାଦ କରୁଛନ୍ତି । ଆଇନଗତ ଆବେଦନ, ବୈଜ୍ଞାନିକ ତଥ୍ୟ ଏବଂ ଡିଜିଟାଲ୍ ଜନମତର ସଠିକ୍ ବ୍ୟବହାର କରି ଯୁବପିଢ଼ି ସରକାରୀ ନୀତି ଓ ସାମ୍ବିଧାନିକ ଆଇନରେ ବାସ୍ତବ ପରିବର୍ତ୍ତନ ଆଣିବାରେ ସଫଳ ହୋଇଛନ୍ତି । ପ୍ରକୃତି ବିନା ମାନବ ସଭ୍ୟତାର କୌଣସି ଭବିଷ୍ୟତ ନାହିଁ । ଆମକୁ ଏକ ସନ୍ତୁଳିତ ଓ ସବୁଜ ପୃଥିବୀ ଗଠନ ପାଇଁ ସଂକଳ୍ପବଦ୍ଧ ହେବାକୁ ପଡ଼ିବ । ■




ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ରାଜନୀତି ବିଜ୍ଞାନ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ, ମୋ: ୭୩୭୦୦୦୧୫୭୦

# ବିଶ୍ୱ ବଦଳାଉଛି ଯୁବ ବିପ୍ଳବ



ଡିଜିଟାଲ୍ ଯୁଗରେ ଜନ୍ମିତ ଜେନ୍-ଜେଡ୍ ପିଢ଼ି ବର୍ତ୍ତମାନ ବିଶ୍ୱର ସବୁଠୁ ଅଧିକ ଚର୍ଚ୍ଚିତ ଚେହେରା, ପ୍ରଭାବଶାଳୀ ପ୍ରଜନ୍ମ । ବିଭିନ୍ନ ଦେଶର ସାମାଜିକ, ରାଜନୈତିକ, ଅର୍ଥନୈତିକ, ଶୈକ୍ଷିକ ଓ ସାଂସ୍କୃତିକ ରୂପରେଖକୁ ଏକ ନୂଆ ରୂପରେ ପରିଚିତ ଦେବାରେ ଏହି ପିଢ଼ି ବେଶ୍ ପାରଙ୍ଗମ । କେବଳ ଭାରତ ନୁହଁ, ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଜେନ-ଜେଡ୍ ଆନ୍ଦୋଳନ ହୋଇଛି । ଅଧିକାଂଶ ଦେଶରେ ସଫଳ ମଧ୍ୟ ହୋଇଛି ।



ଡକ୍ଟର ପ୍ରମୋଦ କୁମାର ପଣ୍ଡା



## କେନିଆରେ ଜେନ୍- ଜେଡ୍ ବିପ୍ଳବ

୨୦୨୪ ମସିହାରେ କେନିଆ ସରକାର ଏକ ନୂଆ ଆର୍ଥିକ ବିଲ୍ ଆଗତ କରିଥିଲେ ଯେଉଁଥିରେ ରୁଟି ଏବଂ ସାନିଟାରୀ ପ୍ୟାଡ୍ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ଅଧିକ ଟିକସ ଲଗାଯିବାର ପ୍ରସ୍ତାବ ରହିଥିଲା । ଦେଶର ଜେନ୍ - ଜେଡ୍ ପିଢ଼ି ଟିକ୍‌ଟକ୍, ଏକ୍ସ ଏବଂ ଇନ୍‌ଷ୍ଟାଗ୍ରାମ ମାଧ୍ୟମରେ ସଂଗଠିତ ହୋଇ ନାଇରୋବିରେ ବିରୋଧ ପ୍ରଦର୍ଶନ କରିଥିଲେ । ସରକାରୀ ଦମନ ସତ୍ତ୍ୱେ ଲଗାତାର ବିଦ୍ରୋହ ଯୋଗୁଁ ରାଷ୍ଟ୍ରପତି ଉଇଲିୟମ୍ ରୁଟୋଙ୍କୁ ବିବାଦୀୟ ବିଲ୍ ପ୍ରତ୍ୟାହାର କରିବାକୁ ପଡ଼ିଥିଲା । କ୍ୟାବିନେଟ୍‌ରେ ବଡ଼ ଧରଣର ପରିବର୍ତ୍ତନ ହୋଇଥିଲା । ଦେଶର ସର୍ବପ୍ରଥମ ଜନନେତା ବିହୀନ ଆନ୍ଦୋଳନର ପ୍ରବନ୍ଧକ ଜେନ୍ - ଜେଡ୍ ସମ୍ପ୍ରତି ସେଠାରେ ଏକ ରାଜନୈତିକ ଶକ୍ତି ରୂପେ ଉଭା ହୋଇଛି ।




## ଥାଇଲାଣ୍ଡରେ 'ମିଲ୍‌କ ଟି ଆଲାଇନ୍ସ'

ଦକ୍ଷିଣ-ପୂର୍ବ ଏସିଆର ଥାଇଲାଣ୍ଡରେ ଜେନ୍- ଜେଡ୍ ଶିକ୍ଷାର୍ଥୀମାନେ ଦେଶର ଶକ୍ତିଶାଳୀ ସାମରିକ ସରକାର ଏବଂ ରାଜତନ୍ତ୍ରର ସଂସ୍କାର ଦାବି କରି ଏକ ବଡ଼ ଆନ୍ଦୋଳନର ସୂତ୍ରପାତ କରିଥିଲେ । ଥାଇଲାଣ୍ଡରେ ରାଜା କିମ୍ବା ସେନା ବିରୁଦ୍ଧରେ କହିବା ଏକ ଗୁରୁତର ଅପରାଧ । କିନ୍ତୁ ହାଇସ୍କୁଲ ଏବଂ ବିଶ୍ୱବିଦ୍ୟାଳୟର ଯୁବ ଛାତ୍ରଛାତ୍ରୀମାନେ ପ୍ରିୟ ଆନିମେ କାର୍ଟୁନ୍ ଚରିତ୍ର, 'ହଙ୍ଗର ଗେମ୍ସ' ଚଳଚ୍ଚିତ୍ରର ଥ୍ରୀ-ଫିଙ୍ଗର ସାଲ୍ୟୁଟ୍',ତିନି ଆଙ୍ଗୁଠିର ସଙ୍କେତକୁ ନିଜର ପ୍ରତିବାଦର ମାଧ୍ୟମ କରିଥିଲେ । ତାଇୱାନ ଓ ହଂକଂର ସମାନ ଚିନ୍ତାଧାରା ବିଶିଷ୍ଟ ଯୁବକମାନଙ୍କ ସହ ମିଶି ଇଣ୍ଟରନେଟ୍‌ରେ 'ମିଲ୍କ ଟି ଆଲାଇନ୍ସ' ଗଠନ କରିଥିଲେ, ଯାହା ଏକଛତ୍ରବାଦ ବିରୁଦ୍ଧରେ ଏକ ଆନ୍ତର୍ଜାତୀୟ ଡିଜିଟାଲ୍ ସଂଗଠନ ପାଲଟିଥିଲା । ରାଜତନ୍ତ୍ର ଏବଂ ସେନାର ପ୍ରଭାବ ପୂର୍ବ ଅପେକ୍ଷା ଯଥେଷ୍ଟ ହ୍ରାସ ପାଇଥିଲା ।



## ଚିଲିରେ ସାମାଜିକ ବିସ୍ଫୋରଣ

ଦକ୍ଷିଣ ଆମେରିକାର ଚିଲିରେ ୨୦୧୯ -୨୦୨୦ ମସିହାରେ ମେଟ୍ରୋ ଭଡ଼ା ବୃଦ୍ଧିକୁ ନେଇ ଆରମ୍ଭ ହୋଇଥିବା ଛୋଟ ସ୍କୁଲ ଛାତ୍ରଙ୍କ ଆନ୍ଦୋଳନ ପରେ ଦେଶବ୍ୟାପୀ ଐତିହାସିକ ବିପ୍ଳବର ରୂପ ନେଇଥିଲ । କଳା ଧଳା ୟୁନିଫର୍ମ ପିନ୍ଧୁଥିବା ଏହି ହାଇସ୍କୁଲ ପିଲାଙ୍କୁ ପେଙ୍ଗୁଇନ୍ କୁହାଯାଉଥିଲା । ସାମାଜିକ ଅସମାନତା, ମହଙ୍ଗା ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ବ୍ୟକ୍ତିଗତକରଣ ବିରୁଦ୍ଧରେ ସ୍ୱର ଉତ୍ତୋଳିତ ଏହି ଆନ୍ଦୋଳନ ଏତେ ପ୍ରଭାବୀ ଥିଲା ଯେ ଦେଶରେ ପିନୋଚେ ଶାସନ କାଳର ପୁରୁଣା ସମ୍ବିଧାନକୁ ପରିବର୍ତ୍ତନ କରି ଏକ ନୂଆ ସମ୍ବିଧାନ ଗଠନ କରିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଚିଲିର ସାମାଜିକ ସୁରକ୍ଷା ଓ ଶିକ୍ଷା ନୀତିରେ ବଡ଼ ସଂସ୍କାର ଆସିଥିଲା । ଜେନ-ଜେଡ୍ ସମର୍ଥନରେ ଗାବ୍ରିଏଲ୍ ବୋରିକ୍‌ଙ୍କ ଭଳି ଜଣେ ଯୁବ ପ୍ରଗତିଶୀଳ ନେତା ଦେଶର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ ।



## ମିଆଁମାରର 'ବସନ୍ତ ବିପ୍ଳବ'

୨୦୨୧ ମସିହାରେ ମିଆଁମାର ସେନା ଗଣତାନ୍ତ୍ରିକ ସରକାରକୁ ଗାଦିଚ୍ୟୁତ କରି ଜବରଦସ୍ତ କ୍ଷମତା ଦଖଲ କରିଥିଲା । ଅସନ୍ତୁଷ୍ଟ ଜେନ୍ - ଜେଡ୍ ପିଢ଼ି ସାମରିକ ଏକଛତ୍ରବାଦ ବିରୁଦ୍ଧରେ 'ବସନ୍ତ ବିପ୍ଳବ' ଆରମ୍ଭ କରିଥିଲେ । ଗୁଳିଚାଳନା ଓ ଇଣ୍ଟରନେଟ୍ ବ୍ଲାକଆଉଟ୍ ସତ୍ତ୍ୱେ ଉପଗ୍ରହ ଇଣ୍ଟରନେଟ୍ ଓ ଅଫଲାଇନ୍ ମେସେଜିଂ ଆପ୍ ବ୍ୟବହାର କରି ରାସ୍ତାରେ ଫ୍ଲାସ୍ ମବ୍, ଗରିଲା ଷ୍ଟ୍ରିଟ୍ ଆର୍ଟ,ଡିଜିଟାଲ୍ ହ୍ୟାକିଂ ଆୟୋଜିତ ହୋଇଥିଲା । ସେନାର ପ୍ରୋପାଗାଣ୍ଡା ନଷ୍ଟ ହୋଇଥିଲା । ଜେନ -ଜେଡ୍ ଆଜି ମଧ୍ୟ ସେଠାରେ ସେନା ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ।



## ପେରୁର 'ଜେନେରେସନ୍ ବିସେଣ୍ଟେନାରିଓ' ବିପ୍ଳବ

ପେରୁର ଲୋକପ୍ରିୟ ରାଷ୍ଟ୍ରପତି ମାର୍ଟିନ୍ ବିଜକାରାଙ୍କୁ ଦେଶର ସଂସଦ ଦ୍ୱାରା ବେଆଇନ ଭାବେ ପରିବର୍ତ୍ତନ କରାଯାଇଥିଲା । ପେରୁର ଯୁବପିଢ଼ି, ଯାହାଙ୍କୁ ରାଜନୀତିରେ ଉଦାସୀନ କୁହାଯାଉଥିଲା, ଏହି ନିଷ୍ପତ୍ତି ବିରୁଦ୍ଧରେ ଇନଷ୍ଟାଗ୍ରାମ ଓ ଟିକ୍‌ଟକ୍ ବ୍ୟବହାର କରି ମାତ୍ର କିଛି ଦିନ ମଧ୍ୟରେ ଏକ ବିରାଟ ଆନ୍ଦୋଳନ ଛିଡ଼ା କରିଥିଲେ । ପରିଣାମ, ନୂଆ ଅସ୍ଥାୟୀ ରାଷ୍ଟ୍ରପତି ମାନୁଏଲ୍ ମେରିନୋଙ୍କୁ ୫ ଦିନ ମଧ୍ୟରେ ଇସ୍ତଫା ଦେବାକୁ ପଡ଼ିଥିଲା । ପରେ ଜଣେ ନିରପେକ୍ଷ ନେତା ଫ୍ରାନ୍ସିସ୍କୋ ସାଗାସ୍ତିଙ୍କୁ ଅସ୍ଥାୟୀ ରାଷ୍ଟ୍ରପତି କରାଯାଇଥିଲା ଯିଏ ଦେଶରେ ଶାନ୍ତି ଫେରାଇ ଆଣିଥିଲେ ।



## ନାଇଜେରିଆ ଓ ସାର୍ସ ଆନ୍ଦୋଳନ

ସାର୍ସ, ନାଇଜେରିଆ ପୋଲିସର ଏକ ସ୍ୱେଚ୍ଛାଚାରୀ ୟୁନିଟ୍, ଯୁବକମାନଙ୍କ ଉପରେ ଅତ୍ୟାଚାର କରୁଥିଲା । ଯୁବକଙ୍କୁ ହତ୍ୟା ମଧ୍ୟ କରାଯାଇଥିଲା । ନାଇଜେରିଆର ଜେନ୍--ଜେଡ୍ ଯୁବପିଢ଼ି ଏହାକୁ ତୀବ୍ର ବିରୋଧ କରି ଟ୍ୱିଟର ଏକ୍ସ ମାଧ୍ୟମରେ ଏହି ଆନ୍ଦୋଳନକୁ ବିଶ୍ୱବ୍ୟାପୀ କରିଥିଲେ । ସରକାର ଆନ୍ଦୋଳନକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ମଧ୍ୟ ବନ୍ଦ କରିଦେଇଥିଲେ । କିନ୍ତୁ ଯୁବକମାନେ ହତୋତ୍ସାହିତ ନହୋଇ କ୍ରିପ୍ଟୋ କରେନ୍ସି ବ୍ୟବହାର କରି ଆନ୍ଦୋଳନ ପାଇଁ ପାଣ୍ଠି ସଂଗ୍ରହ କରିଥିଲେ । ଶେଷରେ ସରକାରଙ୍କୁ ହାର ମାନିବାକୁ ପଡିଥିଲା । ସାର୍ସ ପୋଲିସ ୟୁନିଟ୍‌କୁ ଭାଙ୍ଗିବାକୁ ପଡ଼ିଥିଲା ।

## ସୁଦାନ ଗଣତାନ୍ତ୍ରିକ ଆନ୍ଦୋଳନ

ସୁଦାନର ପ୍ରାୟ ୬୦% ଜନସଂଖ୍ୟା ହେଉଛନ୍ତି ଯୁବପିଢ଼ି । ଏହି ଦେଶର ଜେନ୍ - ଜେଡ୍ ଯୁବକ ବିଶେଷକରି ଯୁବତୀମାନେ, ଯେଉଁମାନଙ୍କୁ 'କାନ୍ଦାକା' ବା ନୁବିଆନ୍ ରାଣୀ କୁହାଯାଏ, ରାସ୍ତାରେ ଗୀତ ଗାଇ ଓ କବିତା ପାଠ କରି ଓମାର ଅଲ୍-ବଶିରଙ୍କ ଦୀର୍ଘ ୩୦ ବର୍ଷର ଏକଛତ୍ରବାଦ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ଶେଷରେ ତାଙ୍କର ବିଜୟ ହୋଇଥିଲା । ଏକଛତ୍ରବାଦ ଶାସନ ଓ ସାମରିକ ନିୟନ୍ତ୍ରଣରୁ ତାଙ୍କୁ ମୁକ୍ତି ମିଳିଥିଲା ।

## କଲମ୍ବିଆରେ ଜାତୀୟ ଧର୍ମଘଟ

ମହାମାରୀ ସମୟରେ କଲମ୍ବିଆ ସରକାରଙ୍କ ଗରିବ ବିରୋଧୀ ଟିକସ ସଂସ୍କାର ଏବଂ ବଢ଼ୁଥିବା ପୋଲିସ ଅତ୍ୟାଚାର ବିରୁଦ୍ଧରେ ଦେଶର ଗରିବ ଏବଂ ଜେନ୍ – ଜେଡ୍ ଯୁବପିଢ଼ି 'ପ୍ରିମେରା ଲିନିଆ' କିମ୍ବା 'ପ୍ରଥମ ଧାଡ଼ି' ଗଠନ କରିଥିଲେ । ସେମାନେ ହାତତିଆରି କାଠ ବୋର୍ଡ ଓ ଟିଣକୁ ଢାଲ ଭାବେ ବ୍ୟବହାର କରି ପୋଲିସର ଲୁହବୁହା ଗ୍ୟାସ୍ ଓ ବନ୍ଧୁକଗୁଳିର ଦୃଢ଼ ସାମ୍ନା କରିଥିଲେ । ସେମାନଙ୍କର ଏହି ଦୀର୍ଘ ପ୍ରତିବାଦ ଯୋଗୁଁ ସରକାର ଟିକସ ପ୍ରସ୍ତାବ ପ୍ରତ୍ୟାହାର କରିବାକୁ ବାଧ୍ୟ ହୋଇଥିଲେ । ■

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ
ସମ୍ବଲପୁର, ମୋ: ୭୯୭୮୨୮୩୧୯୦

# ନୀତି ଅନୀତି ରାଜନୀତି

ଶ୍ରୀବିଦୁର

## ପୋଡ଼ିଗଲା ତିଅଣରେ କି ସୁଆଦ



ଠିକ୍ ସମୟରେ ଠିକଣା ପଦକ୍ଷେପ ନେଇ ପାରୁଥିବା ନ ଲୋକ ହିଁ ରାଜନୀତିରେ ତିଷ୍ଠି ରହିବା କାଠିକର ପାଠ । ଘଟଣା ଘଟିବା ସମୟରେ ଭେଟଘାଟ, ପ୍ରତିକ୍ରିୟା, ସମବେଦନା ଯେତିକି ଗୁରୁତ୍ୱପୂର୍ଣ୍ଣ ମନେହୁଏ; ଘଟଣା ଘଟିବା ପରେ ସମବେଦନା, ବିବୃତି, ପ୍ରଶଂସା ସେତେ ଗୁରୁତ୍ୱ ବହନ କରେନାହିଁ କି କଟା ଘା'ର ବ୍ୟଥା ଦୂର କରିପାରେ ନାହିଁ । ଆଜିକାଲି ସୋସିଆଲ ମିଡ଼ିଆ ଯୁଗରେ ଟିକିଏ ଅସାବଧାନତାର ନିଆଁ ଝୁଲ ମୁହୂର୍ତ୍ତରେ ସୁନାର ଲଙ୍କାକୁ ବି ଛାରଖାର କରିଦେବାକୁ ସକ୍ଷମ, ସମ୍ପର୍କକୁ ମୁହୂର୍ତ୍ତରେ ଛିଡ଼ାଇ ଦେବାକୁ ସମର୍ଥ ହେଉଥିବା ଦେଖାଯାଉଛି । ନିଟ୍ ପରୀକ୍ଷା ବିବାଦ ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦୁଇ ଦୁଇ ଥର ଇସ୍ତଫା ଦେବାକୁ ଆଗ୍ରହ କରିଥିଲେ ବି ସରକାର ତାହାକୁ ଗ୍ରହଣ କଲେ ନାହିଁ । ମାତ୍ର ଛାତ୍ର ଆନ୍ଦୋଳନ ଯେତେବେଳେ ତେଜିଲା, ସେତେବେଳେ ସରକାର ତାଙ୍କ ଇସ୍ତଫା ଗ୍ରହଣ କଲେ । ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫାରେ ତାଙ୍କ ନିକଟତମ ଲୋକମାନେ ଦୁଃଖୀ ହେଲେ, ଭିତରେ ଭିତରେ ଖୁସି ହୋଇଥିଲେ ବି ରାଜ୍ୟ ପଦ୍ମ ଦଳରେ ଥିବା ତାଙ୍କ ବିରୋଧୀମାନେ ନିରବ ରହିବାକୁ ଶ୍ରେୟସ୍କର ମଣିଲେ । ମାତ୍ର ଏହି ସମୟରେ ସାଂସଦ ଅପରାଜିତାଙ୍କ ଝିଅ ଅର୍ଚ୍ଚିତା ସଚିନ ରାହାର ଇନ୍‌ଷ୍ଟାଗ୍ରାମରେ କରିଥିବା ଏକ ପୋଷ୍ଟ ରାଜ୍ୟ ପଦ୍ମ ଦଳରେ ସୃଷ୍ଟି କରିଛି ଝଡ଼ । କକ୍ରୋଚ୍ ଆନ୍ଦୋଳନକୁ ସମର୍ଥନ ଓ ଧର୍ମେନ୍ଦ୍ରଙ୍କ ଇସ୍ତଫା ପ୍ରସଙ୍ଗରେ ତାଙ୍କର ମତ ହୁଏତ ବ୍ୟକ୍ତିଗତ ହୋଇପାରେ, ମାତ୍ର ଏହି ତଥାକଥିତ ବ୍ୟକ୍ତିଗତ ମତ ତାଙ୍କ ମା' ତଥା ସାଂସଦ ଅପରାଜିତାଙ୍କୁ ଅଡୁଆରେ ପକାଇ ଦେଇଛି । ଯଦିଓ ଶିକ୍ଷାମନ୍ତ୍ରୀଙ୍କ ପ୍ରତି ତାଙ୍କର ସମର୍ଥନ ବ୍ୟକ୍ତ କରି ସାଂସଦ ସାମାଜିକ ଗଣମାଧ୍ୟମର ମତ ମନ୍ତବ୍ୟ ଦେଇଛନ୍ତି, ମାତ୍ର ତାହାକୁ କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି । ପୋଡ଼ିଗଲା ତିଅଣରେ ଆଉ କି ସୁଆଦ ? ■

## ଅହଂକାରର ଏ ବନ୍ୟା ଲୋକେ ଭୁଲିବେ ତ ?



ରାଜନୀତିରେ ନୀତି, ନମ୍ରତା ଓ ଲୋକସେବାର କଥା ସବୁଠୁ ଅଧିକ ଶୁଣିବାକୁ ମିଳେ । ରାଜ୍ୟ ପଦ୍ମ ଦଳିଆ ନେତାମାନେ ତ ନିଜ ଦଳର ନେତାଙ୍କ ମନର କଥାରେ ଏହାକୁ ଅନେକ ବାର ଶୁଣି ଦିନରାତି ଘୋଷି ହେଉଥିବା ଆମ ପରି ଅନେକ ଦେଖିଥିବେ । ମାତ୍ର । ପ୍ରଶଂସା ଓ ଅନବରତ ଗୁଣଗାନ ଶୁଣିବାକୁ ଉତ୍‌କର୍ଣ୍ଣ ରହିଥିବା ପଦୁଆଁ ନେତା ବାସ୍ତବ କଥା ଶୁଣିବାକୁ ପସନ୍ଦ କରନ୍ତି ନାହିଁ, ସେ କଥା ଆମେ ନିକଟରେ ଦେଖିବାକୁ ପାଇଛୁ । ପ୍ରଶ୍ନ ଅପେକ୍ଷା ପ୍ରଶଂସା ଶୁଣିବାରେ ଅଭ୍ୟସ୍ତ କାନଯୋଡ଼ିକ ଯେତେବେଳେ ଲୋକଙ୍କ ପ୍ରଶ୍ନବାଣର ସମ୍ମୁଖୀନ ହୁଏ, ସେତେବେଳେ ମୁହଁ ଉପରୁ ଖସିପଡ଼େ ଜନସେବକ ମୁଖା । ଆମ ଗୋବିନ୍ଦ ବାବୁଙ୍କ କ୍ଷେତ୍ରରେ କୁଆଡ଼େ ତାହା ହିଁ ଘଟିଛି । ରେମୁଣାରୁ ଦୁଇ ଦୁଇଥର ନିର୍ବାଚିତ ଓ ଏବର ସରକାରରେ ଶାସକ ଦଳର ଉପ ଛାଟିଆ ଗୋବିନ୍ଦ ବାବୁ ବନ୍ୟା ପୀଡ଼ିତ ଲୋକଙ୍କୁ ଯେପରି ବ୍ୟବହାର କରିଛନ୍ତି, ତାହା ତାଙ୍କ ଅଞ୍ଚଳ ଲୋକଙ୍କୁ ଭାରି ମର୍ମାହତ କରିଛି । ବନ୍ୟା ପାଣିରେ ଦହଗଞ୍ଜି ଗାଁ ଲୋକମାନେ ନିଜର ଦୁଃଖ କହିବାକୁ ଆସିବା ବେଳେ ନେତାମାନଙ୍କର ଧୈର୍ଯ୍ୟର ବନ୍ଧ ଭାଙ୍ଗିଯିବା ପରି ଲାଗୁଛି । ବନ୍ୟାରେ ଘର ବୁଡ଼ି ନାରଖାର, ରାସ୍ତା ଉପରେ ଆଣ୍ଠିଏ ପାଣି । ଲୋକ ଭାବିଥିଲେ ବିଧାୟକ ଆସିବେ, ସେମାନଙ୍କ ସମସ୍ୟା ଶୁଣିବେ, ସହାୟତା ଦେବେ । ମାତ୍ର ଗୋବିନ୍ଦବାବୁ ସମସ୍ୟା ଶୁଣିବେ କ'ଣ, ଓଲଟି ଲୋକଙ୍କ ଉପରେ ରାଗ ଫଣଫଣ । କିଏ ଜଣେ ଘଟଣାର ଭିଡ଼ିଓ କରିବା ବେଳେ ଗୋବିନ୍ଦବାବୁ ଯେଉଁ ତାନ୍‌ରେ ତାଙ୍କୁ ଧମକ ଦେଲେ, ତାହା ସ୍ଥାନୀୟ ଲୋକମାନଙ୍କୁ କୁଆଡ଼େ ଭାରି ବାଧିଛି । ବନ୍ୟା ପାଣି ହୁଏତ ସପ୍ତାହେ ପରେ କମିଯିବ, ମାତ୍ର ଗୋବିନ୍ଦବାବୁଙ୍କ ଏ ଅହଂକାରର ବନ୍ୟାକୁ ଲୋକେ ଭୁଲିଯିବେ କେମିତି ? ■

## ନାରୀ ବନ୍ଦନ ନା ନାରୀ ପୀଡ଼ନ



ରାଜନୀତିରେ ନାରୀ ସଶକ୍ତିକରଣକୁ ନେଇ ଯେତେ ସ୍ଲୋଗାନ ଶୁଣାଯାଏ, ସାଧାରଣ ଭାବରେ ଦେଖିଲେ ଏହାର ବାସ୍ତବିକତା ହେଉଛି ଏକ ସୁନେଲି ଶୂନ । ପୂର୍ବରୁ ରାଜନୀତିରେ ମହିଳା ସଂରକ୍ଷଣକୁ ନେଇ ରୁଢ଼ିବାଦୀ ତଥା ରକ୍ଷଣଶୀଳ ମନୋଭାବ ପୋଷଣ କରୁଥିବା ପଦ୍ମ ଦଳିଆ ଏବେ ନାରୀ ବନ୍ଦନ ପାଇଁ କୁଆଡ଼େ ବେଶୀ ଆଗ୍ରହୀ ବୋଲି ଶୁଣିବାକୁ ମିଳୁଛି । ଏପରିକି ରାଜ୍ୟର କିଛି ପଦୁଆଁ ନେତା ନାରୀ ବନ୍ଦନ ନାମରେ ନାରୀ ପୀଡ଼ନ ପାଇଁ କୁଆଡ଼େ ବେଶୀ ଆଗ୍ରହୀ ଥିବା ବିରୋଧୀମାନେ ଦିନରାତି ରଟ ଲଗାଇ ବସିଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲା ତିଖିରି ସରପଞ୍ଚ ତଥା ନିଜକୁ ପଦୁଆଁ ଦଳର କର୍ମୀ ବୋଲି ପରିଚୟ ଦେଉଥିବା ଚାମେଲି ଓଝାଙ୍କ ପ୍ରତି ମହାକାଳପଡ଼ା ବିଧାୟକ ବାବୁ ଦୁର୍ଗାବାବୁ ଯେଉଁ ମନୋଭାବ ଦେଖାଇଛନ୍ତି, ତାହା କୁଆଡ଼େ ତାଙ୍କ ଅଞ୍ଚଳରେ ଅନେକଙ୍କୁ ପୀଡ଼ା ଦେଇଛି । ତାଙ୍କ ପ୍ରତି ବିଧାୟକ ଅନ୍ୟାୟ କରିଥିବା ଚମେଲି ଅଭିଯୋଗ କଲେ; ବିଡ଼ିଓ, ପୁଲିସ ବିରୋଧରେ ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି କେନ୍ଦ୍ରକୁ ଚିଠି ଲେଖିଲେ । ମାତ୍ର କିଛି ଫଳ ମିଳିଲା ନାହିଁ, ରାଜଧାନୀରେ ଧାରଣା ଦେଲେ ବି କେହି ଜଣେ ବି ତାଙ୍କ ଅଭିଯୋଗ ପ୍ରତି କର୍ଣ୍ଣପାତ କଲେ ନାହିଁ । ଏବେ ଶୁଣିବାକୁ ମିଳୁଛି ଚମେଲିଙ୍କୁ ସରପଞ୍ଚ ପଦରୁ ହଟାଇବାକୁ ଷଡ଼ଯନ୍ତ୍ର ଆରମ୍ଭ ହୋଇଛି । ଖୋଦ୍ ଚମେଲି ହିଁ ଏହି ଅଭିଯୋଗ କରିଛନ୍ତି, ତାଙ୍କ ବିରୋଧରେ ଅନାସ୍ଥା ଆଣିବାକୁ ବିଧାୟକ କୁଆଡ଼େ ଲାଗି ପଡ଼ିଛନ୍ତି ବୋଲି କହିଛନ୍ତି । ହେଲେ ଜଣେ ସାଧାରଣ ସରପଞ୍ଚଙ୍କୁ ଏତେ ଡ଼ର କାହିଁକି ? କୁଆଡ଼େ ଗଲା ନାରୀ ବନ୍ଦନ ସ୍ଲୋଗାନ? ଚମେଲିଙ୍କୁ ସାନ ଭଉଣୀ ସମ୍ବୋଧନ କରୁଥିବା ପଦ୍ମ ଦଳର ସ୍ଥାନୀୟ ବିଧାୟକ, ସ୍ଥାନୀୟ ସାଂସଦ ଗଲେ କୁଆଡ଼େ ? ■

## କାଟି ପାରିଲେନି ଫିତା, କଟିଗଲା ନାକ



କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ପଦୁଆଁ ଦଳର ପୁରୁଖା ନେତା । ଢ଼େର ଦିନ ହେଲା ରାଜନୀତିରେ ଅଛନ୍ତି, ମଝିରେ ମଝିରେ ରାଜ୍ୟ ପଦ୍ମ ଆଖଡ଼ାର ସମ୍ଭାବ୍ୟ ମୁଖ୍ୟ କୁସ୍ତିଆଳ ପଦ ପାଇଁ ତାଙ୍କ ନାଁ ମଝିରେ ମଝିରେ ବି ଚର୍ଚ୍ଚା ଚାଲିଥିବା ଆମ କାନରେ ବାଜିଛି । ପୁଣି ଏବର ମୁଖ୍ୟ କୁସ୍ତିଆଳଙ୍କୁ କେନ୍ଦ୍ର ସରକାରରେ ଯଦି ସ୍ଥାନ ମିଳେ, ତେବେ ତାଙ୍କ ସ୍ଥାନରେ ସୁକାନ୍ତଙ୍କୁ ବସାଯିବା ପାଇଁ ଯୋଜନା ହେଉଥିବା କଥା ବି ଶୁଣିବାକୁ ମିଳିଛି । ମାତ୍ର କିଛି ମନ୍ଦବୁଦ୍ଧି କର୍ମୀଙ୍କ ଯୋଗୁଁ ନିକଟରେ ତାଙ୍କ ନାକ କଟି ଯାଇଛି ବୋଲି ଦଶପଲ୍ଲାରେ ସୁକାନ୍ତଙ୍କୁ ଭଲ ପାଉଥିବା ଲୋକମାନେ କହୁଥିବା ଆମ କାନରେ ବାଜିଛି । ଏମିତି ତ ଅନେକ ପଦ୍ମ ଦଳିଆ ନେତା ଏବେ ଲୋକଙ୍କ କାମ ଅପେକ୍ଷା ନିଜ ପ୍ରଚାର ପାଇଁ ବେଶୀ ବ୍ୟସ୍ତ । କଇଁଚି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ବି ନେତାଙ୍କ ତର ନାହିଁ । କେଇମାସ ତଳେ କଇଁଚି ଆସିବାରେ ବିଳମ୍ବ ହେବାରୁ ଖୋଦ୍ ଉପମୁଖ୍ୟମନ୍ତ୍ରୀ ହାତରେ ଫିତା ହଟାଇ ଏକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିବା କଥା ଦେଖିଥିଲୁ । ସେମିତି ଉଦ୍‌ଘାଟନ ପ୍ରସଙ୍ଗକୁ ନେଇ ଆସ୍କା ସାଂସଦ-ଖଲିକୋଟ ବିଧାୟକଙ୍କ ସମର୍ଥକ ହାତାହାତି ହେବା ଦୃଶ୍ୟ ଏବେ ବି ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି । ଏ ସବୁ ଦେଖିବା ପରେ ବି ସୁକାନ୍ତ ବାବୁ କାହିଁକି କାଦୁଅରେ ପଶିବାକୁ ବାହାରି ଆସିଲେ, ସେ କଥା ବୁଝି ହେଉନାହିଁ । ଦଶପଲ୍ଲାରେ ଯେଉଁ ଘଟଣା ଘଟିଲା ସେଥିରେ ସୁକାନ୍ତଙ୍କର କେଉଁ ଯଶବାନା ଉଡ଼ିଲା? ଖାଲି ଶିଶୁପାଳ ହେବା ସାର ହେଲା ସିନା । ଫଳକରେ ନାମ ଲେଖାଯିବା, ଫିତା କାଟିବା ଅପେକ୍ଷା ଲୋକମାନଙ୍କ ସୁଖଦୁଃଖରେ ଠିଆ ହେବା ବେଶୀ ଗୁରୁତ୍ୱପୂର୍ଣ୍ଣ । ସୁକାନ୍ତବାବୁଙ୍କ ପରି ପୁରୁଖା ନେତା କ'ଣ ଏତିକି ବୁଝି ପାରୁନାହାନ୍ତି ? ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।

# 'ଜେନ୍-ଜେଡ୍' ଓ ବୟସ୍କ



ଦୁର୍ଗାପ୍ରସାଦ ଆଚାର୍ଯ୍ୟ



**ବୟସ ବଢ଼ିଲେ ମଣିଷର ଜ୍ଞାନ ବଢ଼େ କି ନାହିଁ ଜାଣେନି, କିନ୍ତୁ ନିଜର ମତାମତ ଉପରେ ତା'ର ବିଶ୍ୱାସ ଦୃଢ଼ରୁ ଦୃଢ଼ତର ହୋଇଥାଏ । ସେ ବିଶ୍ୱାସ ଏତେ ସଘନ ହୋଇଯାଏ ଯେ, ଦୁନିଆ ବଦଳିଗଲେ ମଧ୍ୟ ସେ ନିଜର ପୁରୁଣା ଚଷମାଟି ବଦଳାଇବାକୁ ରାଜି ହୁଏ ନାହିଁ । ଏମିତି ଏକ ବିଶ୍ୱାସ ଯଦି ଏକ ପ୍ରକାର ମାନସିକ ବ୍ୟାଧି ବା ବିକୃତି, ତେବେ ସ୍ୱୀକାର କରିବି ମୁଁ ବି ଦୀର୍ଘଦିନରୁ ସେଇଥିରେ ପୀଡ଼ିତ ।**




ମୋର ଧାରଣା ଥିଲା - ଆମ ସମୟ ଥିଲା ସ୍ୱପ୍ନର ସମୟ । ଆମ ପାଖରେ ପୁସ୍ତକ ଥିଲା ଓ ସେଗୁଡ଼ିକ ପଢିବାରେ ଆମର ପ୍ରବଳ ରୁଚି ଥିଲା । ତର୍କବିତର୍କ ବା ନାନାଦି ବିଷୟରେ ମାନସମନ୍ଥନର ମହଲମାନଙ୍କରେ ସକ୍ରିୟ ଯୋଗ ଦେବାରେ ଆମର ଆଗ୍ରହ ଥିଲା । ପାଠାଗାରମାନଙ୍କରେ ଘଣ୍ଟା ଘଣ୍ଟା ଧରି ମୋଟା ମୋଟା, ସାଧାରଣତଃ ଅତି ବୌଦ୍ଧିକ ବୋଲି ଜଣାଶୁଣା, ବହିର ପୃଷ୍ଠା ଓଲଟାଇ ବଛା ବଛା ବାକ୍ୟଗୁଡ଼ିକୁ ମନେ ରଖିବା ପାଇଁ ଆମ ପାଖରେ ପ୍ରଚୁର ଧୈର୍ଯ୍ୟ ଥିଲା । ଆମ କଲେଜର ପ୍ରାଚୀର ଆରପଟେ ଥିବା ଚା' ଦୋକାନଗୁଡ଼ିକରେ ଅତି ତୁଚ୍ଛ ଅବା ଗମ୍ଭୀର ବିଷୟ ଉପରେ ଅନନ୍ତ ବିତର୍କ, ଅନନ୍ତ ବାକ୍‌ବିତଣ୍ଡା କରି ନିଜର ବୌଦ୍ଧିକ ଦାଢ଼କୁ ଧାରୁଆ କରୁଥିଲୁ ଆମେ । ନୂଆ ନୂଆ ତତ୍ତ୍ୱ, ନୂଆ ନୂଆ ଚିନ୍ତାର ଦୁଆରମାନଙ୍କରେ ଠକ୍ ଠକ୍ ଆବାଜ କରି ପ୍ରବେଶ କରିଯାଉଥିଲୁ ଆମେ । କାର୍ଲ ମାର୍କ୍ସଙ୍କୁ ପଢୁଥିଲୁ, ଗାନ୍ଧୀ, ଟଲଷ୍ଟୟଙ୍କୁ ପଢୁଥିଲୁ, ରୁଷୋଙ୍କଠାରୁ କାମ୍ୟୁ, କାଫ୍‌କା ଓ ସାର୍ତ୍ତ୍ରେମାନଙ୍କୁ ପଢୁଥିଲୁ । ପରଦିନ ପୁଣି ବେଦ କି ଉପନିଷଦକୁ ନେଇ ପରସ୍ପର ଭିତରେ ସଂବାଦ କି ବିବାଦ ଆରମ୍ଭ କରି ଦେଉଥିଲୁ । ଆମ ପାଇଁ ପବିତ୍ର କି ଅପବିତ୍ର, ରୁଚିସମ୍ପନ୍ନ କି ରୁଚିଗର୍ହିତ କାହାରି ମଝିରେ କିଛି ଲକ୍ଷ୍ମଣରେଖା ନଥିଲା । ଏବଂ ଖାସ୍ ଆମର ଏଇ ରୁଚି, ଅଭ୍ୟାସ ବା ବଦଭ୍ୟାସ ସବୁକୁ ନେଇ ଆମେ ଭାରି ଗର୍ବ କରୁଥିଲୁ, କାରଣ ଆମେ ଭାବୁଥିଲୁ -ଆମେ ପ୍ରଗତିଶୀଳ, ଆମେ ଉଦାର, ମୁକ୍ତ ଓ ଉଦ୍ଦାମ ।

ଆଜିର ପିଢ଼ି? ସେମାନଙ୍କ ବିଷୟରେ ମୋର ରାୟ ପୂରାପୂରି ରୋକ୍‌ଠୋକ୍ ଥିଲା । ଆଜିର ପିଢ଼ି କ୍ୟାରିୟରର ଦୌଡ଼ରେ ବ୍ୟସ୍ତ; ମୋବାଇଲରେ, ମିମ୍ ବନାଇବାରେ ଓ ବିଚିତ୍ର ବିଚିତ୍ର ଭାଷାରେ ପରସ୍ପର ମଧ୍ୟରେ ଭାବ ଆଦାନ ପ୍ରଦାନ କରିବାରେ ଧୂରନ୍ଧର । ଏମାନେ ପଢ଼ନ୍ତି କମ୍, କିନ୍ତୁ ଭାଷଣ ଦିଅନ୍ତି ଅନର୍ଗଳ; ବେଳ ଅବେଳରେ ବିଦ୍ରୋହୀ, ବିପ୍ଳବୀ ହୋଇ ଯାଇଥାନ୍ତି ବିନା କାରଣରେ, ତାହା ପୁଣି ଖୁବ୍ ବେଶୀରେ ଗୋଟିଏ କି ଦୁଇଟି ଦିନ; ଏମାନେ ଗଭୀରତାହୀନ ଓ ଆପଣା ଆପଣା ଭାବଭାବନାରେ ଭାରି ଫମ୍ପା, ଭାରି ଶୂନ୍ୟଗର୍ଭ -ଏମିତି ଥିଲା ମୋର ଏମାନଙ୍କ ସଂପର୍କରେ ବିଚାର ଓ ରାୟ । ଏମାନଙ୍କୁ ମନେ ମନେ ଅନେକ ଥର 'ଶାଲୋ' ବା 'ବାନାଲ୍' ପରି ଦୁଇଟି ଇଂରାଜୀ ଶବ୍ଦରେ ସମ୍ବୋଧିତ କରି ଚାଲୁଥିଲି ମୁଁ - ଅବଶ୍ୟ ନିଭୃତରେ ।

ସମସ୍ୟାଟି ହେଉଛି -କେବଳ ମୁଁ ନୁହେଁ, ଅଧିକାଂଶ ବୟସ୍କ ବିଚାରକ ହେବାକୁ ପସନ୍ଦ କରିଥାନ୍ତି, କିନ୍ତୁ କସ୍ମିନ କାଳେ ନିଜର ବିଚାରର ପୁନଃବିଚାର କରି ନଥାଆନ୍ତି ।

ମାତ୍ର, ଏବେ ଏବେ ଦିଲ୍ଲୀର ଜନ୍ତର ମନ୍ତରରେ ଏକଜୁଟ ହୋଇଥିବା ତରୁଣ ତରୁଣୀମାନଙ୍କୁ ଦେଖି ମୁଁ ଆଉ ପୂର୍ବପରି ସେମାନଙ୍କୁ ହାଲ୍‌କା ଫୁଲ୍‌କା, ଅଗମ୍ଭୀର, ଅଗଭୀର ବୋଲି କହିବାର ଭ୍ରମ କରିବି ନାହିଁ ନିଶ୍ଚୟ । ମୁଁ ଭାବିଥିଲି ସେଠାରେ ଗୁଡ଼ାଏ ଅର୍ଥହୀନ, ତାଳମେଳହୀନ ହୋହଲ୍ଲା ଥିବ, କ୍ରୋଧ ଥିବ, ବିଦ୍ରୋହର ଅସଂଜତ କୋଳାହଳ ଥିବ । କିନ୍ତୁ ଯାହା ଦେଖିଲି -ଅବଶ୍ୟ ମୋ ଟିଭିର ପରଦାରେ କିମ୍ବା ୟୁଟ୍ୟୁବର୍ ଭିନ୍ନ ଭିନ୍ନ ପ୍ରସାରଣରେ -ତାହା ମୋତେ ଲଜ୍ଜିତ କଲା । ଲଜ୍ଜିତ କଲା ଏଇଥିପାଇଁ ଯେ ବର୍ତ୍ତମାନର ଏଇ ପିଢ଼ିର ପିଲାମାନେ ମୋ ପରି ତଥାକଥିତ ବୟସ୍କ-ଜ୍ଞାନୀ ବା ଅଭିଜ୍ଞତାସଂପନ୍ନ ମଣିଷଙ୍କଠାରୁ କେତେ ବଡ଼ -କେତେ ବଡ଼ ସେମାନଙ୍କ ବୁଦ୍ଧିବିବେକରେ, ପ୍ରତ୍ୟୁତ୍ପନ୍ନମତିତାରେ, ସେମାନଙ୍କ ବକ୍ତବ୍ୟରେ, ସେମାନଙ୍କ ଶୃଙ୍ଖଳାଜ୍ଞାନରେ ଏବଂ ଶାନ୍ତିପୂର୍ଣ୍ଣ ବିରୋଧ ପ୍ରଦର୍ଶନ କରିବା ଲାଗି ସେମାନଙ୍କ ଉଲ୍ଲାସଭରା ପ୍ରତିବଦ୍ଧତାରେ ।

ସେମାନେ ପ୍ରତିବାଦ କରୁଛନ୍ତି, କିନ୍ତୁ ହସ ହସ ମୁହଁରେ । ପ୍ରତିରୋଧର ସାମ୍ନା କରୁଛନ୍ତି କେତେବେଳେ ଗୀତରେ ତ କେତେବେଳେ ମଜାଦାର ସ୍ଲୋଗାନର ଉଚ୍ଚାରଣରେ । ପୋଷ୍ଟରରେ ଲେଖୁଛନ୍ତି କବିତା । ଲଘୁ ବ୍ୟଙ୍ଗାତ୍ମକ ମିମ୍ ମାନ ତିଆରି କରି ଜଣାଇ ଦେଉଛନ୍ତି ସେମାନଙ୍କ ନିର୍ଦ୍ଦିଷ୍ଟ ଭାବ ଭାବନା । ନାଚୁଛନ୍ତି, ନାଟକ କରୁଛନ୍ତି । ଥକି ପଡ଼ିଥିବା ଆରଜଣକୁ ହାତପଙ୍ଖାରେ ବିଞ୍ଚି ଦେଉଛନ୍ତି । କିଏ କେଉଁ ଧର୍ମର, କେଉଁ ଜାତିର, କେଉଁ ଭାଷାର, କେଉଁ ରାଜନୈତିକ ମତାଦର୍ଶର -ଏସବୁକୁ ନେଇ ବାଛବିଚାର କରୁନାହାନ୍ତି । ଏମାନଙ୍କ ବ୍ୟଙ୍ଗରେ, ହାସ୍ୟରେ, ସଂଗୀତରେ କ୍ରୋଧ ସହିତ ସହିଷ୍ଣୁତା ଅଛି ଓ ଦରଦୀ ମାନବିକତା ଅଛି । ସବୁଠାରୁ ବଡ଼ କଥା- ଏମାନେ ପରସ୍ପରକୁ ପ୍ରଥମେ ମଣିଷ ଭାବରେ ଦେଖୁଛନ୍ତି ।




ମୁଁ ଯେତେବେଳେ ସେମାନଙ୍କୁ ଦେଖୁଥିଲି, ସେମାନଙ୍କ ପ୍ରତି ମୋ ହୃଦୟରେ ଶ୍ରଦ୍ଧା, ସ୍ନେହ ଓ ସଦିଚ୍ଛାର ଲହରି ଖେଳି ଚାଲୁଥିଲା । ଭାବୁଥିଲି - ଆମ ସମୟରେ ଆମେ ନା ଆମ ତାରୁଣ୍ୟରେ ନା ଆମ ଯୁବାବସ୍ଥାରେ ଏତେ ଉଦାର, ଏତେ ମୁକ୍ତମନା, ଏତେ ବୁଦ୍ଧିମତ୍ତାସଂପନ୍ନ ଥିଲୁ? ଏମିତି ଶାନ୍ତି, ପ୍ରୀତି ବା ମୈତ୍ରୀର ଭାଷା କହି କେବେ କୌଣସି ଉଚିତ କାରଣ ପାଇଁ ବିଦ୍ରୋହ କରୁଥିଲୁ? ଆମ ପିଢିର ଅନେକ ବନ୍ଧୁ, ଯେଉଁମାନେ କେବେ ଗଣତନ୍ତ୍ର, ସମାଜବାଦ, ଧର୍ମନିରପେକ୍ଷତା ଓ ମାନବିକତାର ନାମରେ ଶପଥ ନେଉଥିଲେ, ଆଜି ସେମାନଙ୍କ ମଧ୍ୟରୁ ଅନେକ ନିଜ ମନର ସବୁ ଗବାକ୍ଷ କେବେଠାରୁ ବନ୍ଦ କରି ଦେଇସାରିଛନ୍ତି; ଗୁଡ଼ାଏ ରକ୍ଷଣଶୀଳ, ରୁଢ଼ିବାଦୀ, ସଂକୀର୍ଣ୍ଣ-ଧର୍ମୀୟ ବିଚାରର ଅନ୍ଧ ସ୍ତାବକ ସାଜି ଯାଇଛନ୍ତି । ଯୁକ୍ତିର ଜାଗାରେ ରାଗକୁ, ମତାମତର ଜାଗାରେ ପରିଚୟ ଓ ଅସ୍ମିତାବୋଧକୁ ଅଗ୍ରାଧିକାର ଦେବାରେ ଅଭ୍ୟସ୍ତ ହୋଇଯାଇଛନ୍ତି; କେବେ ଯେଉଁମାନେ ତର୍କବିତର୍କ, ମାନସ ମନ୍ଥନ କରୁଥିଲେ ଖୋଲା ମନରେ, ପ୍ରଶ୍ନ କରୁଥିଲେ ନିର୍ଭୟରେ, ସେମାନେ ଆଜି ଯିଏ ତର୍କ କରୁଛି, ଯିଏ ନିଜର ବିଶ୍ୱାସ ବା ସିଦ୍ଧାନ୍ତ ପ୍ରକାଶ କରୁଛି ଓ ଯିଏ ପ୍ରଶ୍ନ କରୁଛି, ସେମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖୁଛନ୍ତି - କେତେବେଳେ ଦେଶଦ୍ରୋହୀ, ଧର୍ମଦ୍ରୋହୀ ବା ସଂସ୍କୃତିଦ୍ରୋହୀ କହି ଏକ ପ୍ରକାର ବାସନ୍ଦ କରି ଦେଉଛନ୍ତି ମୁଖ୍ୟ ସ୍ରୋତରୁ ।

ବୟସ ସବୁବେଳେ ଜ୍ଞାନ କି ପ୍ରଜ୍ଞା ଦିଏ ନାହିଁ; ବେଳେବେଳେ ବୟସ କେବଳ ପୂର୍ବାଗ୍ରହ ଓ ପୂର୍ବମତାମତ ସବୁକୁ ନୂଆ ବେଶପୋଷାକ ପିନ୍ଧାଇ ଦେଇ ସେସବୁର ଶ୍ରେଷ୍ଠତା, ମହାନତାକୁ ସର୍ବସମ୍ମୁଖରେ ଉପସ୍ଥାପିତ କରିବାର କଳାକୌଶଳ ଶିଖାଇ ଦେଇଥାଏ - ଏଇ ଅପ୍ରିୟ ସତ୍ୟଟି ମୋତେ ଜଣାଇଦେଲେ 'ଜେନ୍-ଜେଡ୍'ର ପିଲାମାନେ ।

ଆଜିର ଏଇ ପିଢ଼ିର ପିଲାମାନେ ଯାହାଙ୍କୁ ଆମେ 'ଜେନ୍-ଜେଡ୍' ନାମରେ ଆଖ୍ୟାୟିତ କରିଦେଇଛେ - ସେମାନଙ୍କର ଅନ୍ୟ ଏକ ବିଶେଷତା ମୋତେ ବିସ୍ମିତ କରିଛି । ସେମାନେ ଭୟକୁ ଆତଙ୍କ ହେବାକୁ ଦିଅନ୍ତି ନାହିଁ; କିଏ ଯଦି ସେମାନଙ୍କୁ ଡରେଇ ଥରେଇ ଦେବା ପାଇଁ ଝପଟି ଆସେ, ସେମାନେ ତା'ଉପରକୁ ଫୁଲଟିଏ ଫୋପାଡ଼ି ଦେଇ ପଳାଇଆସନ୍ତି ଓ ଠିକ୍ ପରେ ପରେ ସେଇ ଭୟପ୍ରଦର୍ଶନକାରୀର ମୁହଁର ଭ୍ରୁକୁଟୀ ଉପରେ କାର୍ଟୁନ୍‌ଟିଏ ଆଙ୍କି ଦିଅନ୍ତି ଓ ସେଇଟିକୁ ଦେଖି ହସି ହସି ବେଦମ୍ ହୋଇଯାଆନ୍ତି - ନାଚିଯାଆନ୍ତି ପ୍ରଚଣ୍ଡ ଖରାରେ କି ଘନଘୋର ବର୍ଷାରେ । ଏହି ପିଢ଼ିର ହାତରେ ମୋବାଇଲ ଅଛି- ଏହା ସତ୍ୟ । କିନ୍ତୁ ସେହି ମୋବାଇଲ୍ କେବଳ ମନୋରଂଜନର ଯନ୍ତ୍ର ନୁହେଁ; ତାହା ଆଜି ତାଙ୍କ ହାତରେ ଏକ ଚଳନ୍ତି ଛାପାଖାନା, ଏକ ରଙ୍ଗମଞ୍ଚ, ଏକ କବିତାର ଖାତା ଓ ଏକ ପ୍ରତିବାଦର ଅସ୍ତ୍ର ।

ଆଜି ମୁଁ ତେଣୁ ବୁଝିସାରିଲିଣି ନୂଆ ପିଢ଼ିର ପିଲାମାନଙ୍କୁ ବଡ଼ ବଡ଼ ଉପଦେଶ ଦେବା ପୂର୍ବରୁ ମୋତେ ଓ ମୋ' ପରି ବୟସ୍କମାନଙ୍କୁ ଟିକେ ଆତ୍ମନିରୀକ୍ଷଣ କରିବାକୁ ହେବ ଓ ବେଶ୍ କିଛି ଆତ୍ମସମାଲୋଚନା କରିବାକୁ ହେବ । ସତ କଥାଟି ହେଉଛି ପ୍ରତ୍ୟେକ ପିଢ଼ି ଭାବେ ଇତିହାସ ତା' ପାଖରେ ଆସି ଅଟକିଯାଇଛି ଓ ପରବର୍ତ୍ତୀ ପିଢ଼ିର କାହାଣୀ ହେବ ଅବକ୍ଷୟର, ଅନୁଦାରତାର, ଓ ଅମାନବିକତାର । କିନ୍ତୁ ଇତିହାସ ଦୁଷ୍ଟ ଓ ରହସ୍ୟପ୍ରିୟ ବି । ସେ ମୋ' ଭଳି ବୟସ୍କମାନଙ୍କୁ ଏମିତି ବେଳେବେଳେ ଜଣାଇ ଦେଇଥାଏ ଯେ ଆତ୍ମତୃପ୍ତି, ଆତ୍ମଶ୍ଳାଘା ଓ ଆତ୍ମବଡ଼ିମା ହିଁ ଅବକ୍ଷୟ ଏବଂ ଶିଖାଇ ଦେଇଥାଏ ଯେ ଆମ ପୁରୁଣା ଚଷମାକୁ ଫିଙ୍ଗି ଦେଇ ନୂଆ ଚଷମାରେ ନୂଆ ପିଢ଼ିର ଗୁଣସୂତ୍ରକୁ ଚିହ୍ନିଯିବା ଆମ ମାନସିକ ସ୍ୱାସ୍ଥ୍ୟ ପାଇଁ ନିହାତି ଆବଶ୍ୟକ । ■

ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ
କୋଡିଆଁ ବାରଙ୍ଗ, ଜଗତସିଂହପୁର,
ମୋ: ୯୮୫୩୩୫୫୧୦୭

## କେମିତି କଟିବ ସପ୍ତାହ

**ମେଷ**
ରବି, ସୋମ, ମଙ୍ଗଳବାରରେ ନିଜ ପ୍ରତିଭାକୁ ପ୍ରମାଣ କରିବେ । ସ୍ୱାସ୍ଥ୍ୟରେ ଅବନତି ଦେଖାଦେଇପାରେ । ବୁଧ, ଗୁରୁବାରରେ ବନ୍ଧୁଙ୍କ ସହ ମନାନ୍ତର ଦେଖାଦେବ । ଶୁକ୍ର, ଶନିବାରରେ ଚେଷ୍ଟାକରି ସଫଳତା ପାଇବେ । ଭବିଷ୍ୟତକୁ ନେଇ ଚିନ୍ତିତ ରହିବେ ।

**ବୃଷ**
ରବି, ସୋମ, ମଙ୍ଗଳବାରରେ ଧର୍ମପରାୟଣ ହେବେ । ବୁଧ, ଗୁରୁବାରରେ ଗୁରୁଜନଙ୍କ ସହଯୋଗ ପାଇବେ । ଅଟକି ରହିଥିବା କାର୍ଯ୍ୟ ସଫଳ ହେବ । ଶୁକ୍ର, ଶନିବାରରେ ଦୁଃସାହସିକ ପଦକ୍ଷେପ ନେଇ ପାରନ୍ତି । ମାନସିକ ସୁଖଶାନ୍ତି ପ୍ରାପ୍ତି ହେବ ।

**ମିଥୁନ**
ରବି, ସୋମ, ମଙ୍ଗଳବାରରେ କର୍ମକ୍ଷେତ୍ରରେ ମାନସମ୍ମାନ ପାଇବେ । ବୁଧ, ଗୁରୁବାରରେ ହଠାତ୍ ପରିବାରରେ ସୁଖସନ୍ତୋଷ ବୃଦ୍ଧି ପାଇବ । ଶୁକ୍ର, ଶନିବାରରେ ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ । ଛାତ୍ରଛାତ୍ରୀମାନେ ଲେଖାପଢ଼ାରେ ମନଦେବେ ।

**କର୍କଟ**
ରବି, ସୋମ, ମଙ୍ଗଳବାରରେ ଭବିଷ୍ୟତ ପାଇଁ ଯୋଜନା କାର୍ଯ୍ୟକାରୀ କରିବେ । ସହକର୍ମୀଙ୍କ ସହଯୋଗ ପାଇବେ । ବୁଧ, ଗୁରୁବାରରେ ଦ୍ରବ୍ୟହାନି ହୋଇପାରେ । ଶୁକ୍ର, ଶନିବାରରେ ଉଚ୍ଚଆଶା ସଫଳ ହେବ ।

**ସିଂହ**
ରବି, ସୋମ, ମଙ୍ଗଳବାରରେ ବନ୍ଧୁବାନ୍ଧବଙ୍କଠାରୁ ଆର୍ଥିକ ସହଯୋଗ ପାଇପାରନ୍ତି । କୌଣସି କଥାକୁ ନେଇ ବ୍ୟସ୍ତତା ଭିତରେ ରହିବେ । ବୁଧ, ଗୁରୁବାରରେ ପ୍ରିୟଜନଙ୍କ ପ୍ରତି ସମ୍ବେଦନଶୀଳ ହେବେ । ଶୁକ୍ର, ଶନିବାରରେ ମହିଳାମାନେ ଆତ୍ମନିର୍ଭରଶୀଳ ହେବେ । ଦୃଢ଼ମନା ହୋଇ କାର୍ଯ୍ୟ କରିବେ ।

**କନ୍ୟା**
ରବି, ସୋମ, ମଙ୍ଗଳବାରରେ ସମାଜରେ ମାନସମ୍ମାନ ବୃଦ୍ଧି ପାଇବ । ବୁଧ, ଗୁରୁବାରରେ କାର୍ଯ୍ୟରେ ମନ୍ଥର ଯୋଗୁ ଅସୁବିଧାରେ ପଡ଼ିପାରନ୍ତି । ଶୁକ୍ର, ଶନିବାରରେ ଗୁରୁଜନଙ୍କ ସହଯୋଗ ପାଇ ଆଗକୁ ବଢ଼ିବେ । ସାଙ୍ଗସାଥୀଙ୍କ ସହ ମଜାମସ୍ତି କରିବେ ।

**ତୁଳା**
ରବି, ସୋମ, ମଙ୍ଗଳବାରରେ ଦୀର୍ଘ ଦିନର ଯୋଜନା ସଫଳ ହେବ । ବୁଧ, ଗୁରୁବାରରେ ପରିବାରରେ ସୁଖଶାନ୍ତି ବୃଦ୍ଧି ପାଇବ । ଶୁକ୍ର, ଶନିବାରରେ ସମସ୍ୟା ଭିତରେ ରହି ପରିବାର ସହ ସମୟ ଅତିବାହିତ କରିବେ ।

**ବିଛା**
ରବି, ସୋମ, ମଙ୍ଗଳବାରରେ ବନ୍ଧୁ ମନାନ୍ତର ଦେଖାଦେଇପାରେ । ଅର୍ଥଚିନ୍ତା ଲାଗି ରହିବ । ବୁଧ, ଗୁରୁବାରରେ ପରିଶ୍ରମର ଫଳ ପ୍ରାପ୍ତି ଓ ସନ୍ତାନମାନେ ଉନ୍ନତି କରିବେ । ଶୁକ୍ର, ଶନିବାରରେ ଶତ୍ରୁମାନଙ୍କ କୂଟଚକ୍ରାନ୍ତର ଶିକାର ହେବେ । ବ୍ୟବସାୟ ଲାଭଜନକ ରହିବ ।

**ଧନୁ**
ରବି, ସୋମ, ମଙ୍ଗଳବାରରେ ମୂଲ୍ୟବାନ ଦ୍ରବ୍ୟ ଲାଭ କରିବାର ଯୋଗ ରହିଛି । ବୁଧ, ଗୁରୁବାରରେ ବିଭିନ୍ନ ଉପାୟରେ ଆୟ ବୃଦ୍ଧି ପାଇବ । ଶୁକ୍ର, ଶନିବାରରେ ସହକର୍ମୀଙ୍କ ସହଯୋଗ ପାଇପାରନ୍ତି । ବ୍ୟବସାୟିକ ଶୁଭଫଳ ମିଳିବ ।

**ମକର**
ରବି, ସୋମ, ମଙ୍ଗଳବାରରେ ବ୍ୟୟବହୁଳତା କାରଣରୁ ଅଭାବ ଅସୁବିଧା ଲାଗି ରହିବ । ବୁଧ, ଗୁରୁବାରରେ ପରିବାରରେ ନିବିଡ଼ତା ବୃଦ୍ଧି ପାଇବ । ଶୁକ୍ର, ଶନିବାରରେ ଅର୍ଥପ୍ରାପ୍ତି ଯୋଗ ରହିଛି । ପରିବାରରେ ଉତ୍ତମ ବୁଝାମଣା ରହିବ । ଦୂରସ୍ଥାନକୁ ଯାତ୍ରାଯୋଗ ରହିଛି ।

**କୁମ୍ଭ**
ରବି, ସୋମ, ମଙ୍ଗଳବାରରେ ଯୋଜନା କରି ସଫଳ ହେବେ । ସନ୍ତାନମାନେ ଉନ୍ନତି କରିବେ । ବୁଧ, ଗୁରୁବାରରେ ପୁରୁଣା କାର୍ଯ୍ୟ ପାଇଁ ପଶ୍ଚାତାପ କରିପାରନ୍ତି । ଶୁକ୍ର, ଶନିବାରରେ ବନ୍ଧୁବାନ୍ଧବଙ୍କ ସହ ସୁଖମୟ ଦିନଚର୍ଯ୍ୟା । ବ୍ୟବସାୟରେ ଲାଭାନ୍ୱିତ ହେବେ ।

**ମୀନ**
ରବି, ସୋମ, ମଙ୍ଗଳବାରରେ ପଡ଼ୋଶୀଙ୍କ ସହଯୋଗ ମିଳିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ବୁଧ, ଗୁରୁବାରରେ ସମାଜରେ ପ୍ରତିଷ୍ଠିତ ହେବେ । କର୍ମକ୍ଷେତ୍ରରେ ବାଦବିବାଦ ପରିସ୍ଥିତିରୁ ଦୂରେଇ ରୁହନ୍ତୁ । ଶୁକ୍ର, ଶନିବାରରେ କୌଣସି କ୍ଷେତ୍ରରେ ଠକାମିର ଶିକାର ହୋଇପାରନ୍ତି । ■